# ପ୍ରସିଦ୍ଧ ବୋରୀକ ମେଳଣ ଆରମ୍ଭ

କଟକ,୧୫।୪(ସମିସ): କଟକ ସଦର ଥାନା କୋରକରାଠାରେ ପୁରାଣ ପ୍ରସିଦ୍ଧ ବୋରିକ ମେଳଣ ଗତ ୧୩ ତାରିଖ ସୋମବାରଠାରୁ ଆରମ୍ଭ ହୋଇଛି। ଏହା ଆସନ୍ତା ୧୯ ତାରିଖ ପର୍ଯ୍ୟନ୍ତ ଚାଲିବ। ଗତ ସୋମବାର ମଧ୍ୟ ରାତ୍ରିରୁ ଗୋବିନ୍ଦପୁର, ନୂଆଗାଁ, ନାହାଳପୁର, ଖଲର୍ଦା ତଥା କୋରକରା ପଞ୍ଚାୟତର ବିଭିନ୍ନ ଗ୍ରାମରୁ ୧୪ଟି ସୁସଜ୍ଜିତ ବିମାନରେ ଠାକୁର ଶୋଭାଯାତ୍ରା କରି ମେଳଣ ପଡ଼ିଆରେ ପହଞ୍ଚିଥିଲେ।



ସେହିଭଳି ମହାବିଷୁବ ସଂକ୍ରାନ୍ତି ମଧ୍ୟ ରାତ୍ରିରେ ପରମହଂସରୁ ପରମହଂସନାଥ, ବାଙ୍କେଶ୍ୱରରୁ ବାଙ୍କନାଥ, ଖଲର୍ଦାରୁ ମହାବୀର, ଗୋବିନ୍ଦପୁରରୁ ଗୋପୀନାଥ ୪ ଗୋଟି ବିମାନରେ ଶୋଭାଯାତ୍ରା ସହ ମେଳଣ ପଡ଼ିଆରେ ପହଞ୍ଚିବା ପରେ ଏଠାରେ ପୂଜାର୍ଚ୍ଚନା କରାଯାଇଥିଲା। ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସଦର ଓ ନିଆଳି ନିର୍ବାଚନ ମଣ୍ଡଳୀର ହଜାର ହଜାର ସଂଖ୍ୟାରେ ଲୋକେ ଏଥିରେ ଯୋଗଦେଇଥିଲେ। ସ୍ଥାନୀୟ ମୁରବୀ ଓ ବୋରିକ ମେଳଣ ଶାନ୍ତି କମିଟି କଟକ ସଦର ପୁଲିସର ସହଯୋଗରେ ଶାନ୍ତିଶୃଙ୍ଖଳା ରକ୍ଷା କରିଥିଲା।

# ମାହାଙ୍ଗାରେ ବିଷୁବ ମିଳନ ଓ କବି ସମ୍ମିଳନୀ



ମାହାଙ୍ଗା,୧୫।୪(ସମିସ): ସାହିତ୍ୟ, ସଂସ୍କୃତି ଓ ପ୍ରଗତିର ସ୍ୱରକୁ ନେଇ ମାହାଙ୍ଗା ବିକାଶ ପରିଷଦ ଆନୁକୂଲ୍ୟରେ ମହାବିଷୁବ ପଣା ସଂକ୍ରାନ୍ତି, ଓଡ଼ିଆ ନବବର୍ଷ ଏବଂ ଆମ୍ବେଦକର ଜୟନ୍ତୀ ଅବସରରେ ଏକ ବିଶାଳ ବିଷୁବ ମିଳନ ଓ କବି ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। କୁଆଁପାଳସ୍ଥିତ ପ୍ରତିଭା ଭବନ ପରିସରରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅଞ୍ଚଳର ବହୁ ସାରସ୍ୱତ ସାଧକ ଓ ସାହିତ୍ୟପ୍ରେମୀ ଯୋଗଦେଇଥିଲେ। ମାହାଙ୍ଗା ବିଧାୟକ ତଥା ମାହାଙ୍ଗା ବିକାଶ ପରିଷଦର ଅଧ୍ୟକ୍ଷ ସାରଦା ପ୍ରସାଦ ପ୍ରଧାନ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ପରିଷଦର ସଂଯୋଜକ ଡ. ଅଶୋକ ରାଉତଙ୍କ ପରିଚାଳନାରେ ଅନୁଷ୍ଠିତ ଏହି ସଭାରେ ମୁଖ୍ୟବକ୍ତା ଭାବେ କବି ଭକ୍ତ ଚରଣ ସାହୁ ସାହିତ୍ୟର ମାନବୀୟ ମୂଲ୍ୟବୋଧ ଉପରେ ଗୁରୁତ୍ୱାରୋପ କରିଥିଲେ। କବି ମହେନ୍ଦ୍ର ଘଡ଼େଇଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କବି ସମ୍ମିଳନୀରେ ସମ୍ମାନିତ ଅତିଥିଭାବେ କବି ବିଶେଶ୍ୱର ମହାନ୍ତି, ସାମ୍ବାଦିକ ଅକ୍ଷୟ ଦାସ, କବି ପ୍ରସନ୍ନ ମିଶ୍ର ଓ କବି ଅଶୋକ ରାଉତ ମଞ୍ଚାସୀନ ଥିଲେ। ଅଞ୍ଚଳର ବହୁ କବି ଓ କବୟିତ୍ରୀ ନିଜର ସ୍ୱରଚିତ କବିତା ପାଠ କରିଥିଲେ।

# ଚୌଦ୍ୱାରରେ ଜଳଦାନ କେନ୍ଦ୍ର ଉଦ୍‌ଘାଟିତ




ଚୌଦ୍ୱାର,୧୫।୪(ସମିସ): ବୈଶାଖରେ ଜଳଦାନ ଲକ୍ଷ୍ୟରେ ପବିତ୍ର ବିଷୁବ ସଂକ୍ରାନ୍ତି ଅବସରରେ ଚୌଦ୍ୱାର ସହରର ବିଭିନ୍ନ ସ୍ଥାନରେ ଜଳଦାନ କେନ୍ଦ୍ରମାନ ପ୍ରତିଷ୍ଠା କରାଯାଇଛି। ପୌରପାଳିକା ତରଫରୁ ସହରର ବିଭିନ୍ନ ଜନଗହଳିପୂର୍ଣ୍ଣ ସ୍ଥାନ ତଥା ପୌର କାର୍ଯ୍ୟାଳୟ ସମ୍ମୁଖରେ କେନ୍ଦ୍ରମାନ ପ୍ରତିଷ୍ଠା କରାଯାଇ ପଥଚାରୀଙ୍କୁ ଜଳଦାନ କାର୍ଯ୍ୟ ଆରମ୍ଭ କରାଯାଇଛି। ଅନୁରୂପ ଭାବେ ସତ୍ୟସାଇ ସେବା ସମିତି ତରଫରୁ ଥର୍ମାଲ ରୋଡ଼ସ୍ଥିତ ସାଇ ମନ୍ଦିର ସମ୍ମୁଖରେ ଏକ ଜଳଦାନ କେନ୍ଦ୍ର ଖୋଲାଯାଇ ଦହିପଣା ଓ ଜଳଦାନ କାର୍ଯ୍ୟ ଆରମ୍ଭ କରାଯାଇଛି। ସ୍ୱେଚ୍ଛାସେବୀ ସଂଗଠନ ଉଦ୍ଧାର ଫାଉଣ୍ଡେସନ୍ ତରଫରୁ କଳିଙ୍ଗ ଛକସ୍ଥିତ କିଶୋର ନିଶାମୁକ୍ତି ପୁନର୍ବାସ କେନ୍ଦ୍ରଠାରେ ଖୋଲାଯାଇଥିବା ଜଳସେବା କେନ୍ଦ୍ରକୁ କଟକ ମାତାମଠସ୍ଥିତ ରାମକୃଷ୍ଣ ମିଶନ୍ ଶାଖାର ସ୍ୱାମୀ ଜୀବନାଥନନ୍ଦ ମହାରାଜ ଓ ଉଦ୍ଧାର ଫାଉଣ୍ଡେସନ୍‌ର ଟ୍ରଷ୍ଟି ଭାରତୀ ଦାସ ଉଦ୍‌ଘାଟନ କରିଥିଲେ। ଏହି କେନ୍ଦ୍ରରେ ପ୍ରତିଦିନ ତୃଷାର୍ତ୍ତଙ୍କୁ ଦହିପାଣି ଓ ଗ୍ଲୁକୋଜ ପାଣି ଏକମାସ ଧରି ବିତରଣ କରାଯିବ ବୋଲି ଫଉଣ୍ଡେସନ୍‌ରେ ମୁଖ୍ୟ ନରୋତ୍ତମ ଦାସ ସୂଚନା ଦେଇଛନ୍ତି। ଉଦ୍ଧାର ଫାଉଣ୍ଡେସନ୍ ଓ ରାମକୃଷ୍ଣ ମିଶନ୍ କର୍ମକର୍ତ୍ତାମାନେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ମା’ ହାଟଚଉରାଙ୍କ ବାର୍ଷିକୋତ୍ସବ

ଟାଙ୍ଗୀ,୧୫।୪(ସମିସ): ପବିତ୍ର ମହାବିଷୁବ ସଂକ୍ରାନ୍ତି ଅବସରରେ କୋଟସାହି ପଞ୍ଚାୟତ ଟାଙ୍ଗୀ ଅଞ୍ଚଳର ପ୍ରସିଦ୍ଧ ଆରାଧ୍ୟା ମା’ ହାଟଚଉରା ତଥା ହାଟେଶ୍ୱରୀଙ୍କ ବାର୍ଷିକୋତ୍ସବ ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ବାସିନ୍ଦାଙ୍କ ମିଳିତ ସହଯୋଗରେ ଅନୁଷ୍ଠିତ ଉକ୍ତ ଉତ୍ସବରେ ସାଲେପୁର ବିଧାୟକ ପ୍ରଶାନ୍ତ ବେହେରା, ଶିକ୍ଷାବିତ୍ ତ୍ରିଦେବ ବେହେରା, ବିଜେପି ନେତା ଅରିନ୍ଦମ ରାୟ, ପ୍ରାକ୍ତନ ସରପଞ୍ଚ ଅମୂଲ୍ୟ ସାହୁ ଓ ନାରୀନେତ୍ରୀ ରଶ୍ମିତା ରାଉତ ପ୍ରମୁଖ ଅତିଥିଭାବେ ଯୋଗଦେଇଥିଲେ। ଉତ୍ସବ ଉପଲକ୍ଷେ ପୂର୍ବାହ୍ନରେ ଆୟୋଜିତ କଳସ ଶୋଭାଯାତ୍ରାରେ ବହୁ ମହିଳା ସାମିଲ ହୋଇଥିଲେ।



## ସାଲେପୁର ପୁଲିସକୁ ବଡ଼ ସଫଳତା

# ଡିଜିଟାଲ୍ ଚୋର ଗ୍ୟାଙ୍ଗ୍ ଠାବ; ୧୦ ଗିରଫ






ସାଲେପୁର,୧୫।୪(ସମିସ): କଟକ ଜିଲ୍ଲା ଗ୍ରାମାଞ୍ଚଳ ପୁଲିସ ଏକ ଅନ୍ତଃଜିଲ୍ଲା ଡିଜିଟାଲ୍ ଚୋର ଗ୍ୟାଙ୍ଗ୍‌କୁ ଧରିବାରେ ବଡ଼ ସଫଳତା ହାସଲ କରିଛି। ଦୁଇ ମୁଖ୍ୟ ଅଭିଯୁକ୍ତଙ୍କ ସମେତ ୮ ଜଣ ଚୋରି ସାମଗ୍ରୀ ରଖୁଥିବା (ରିସିଭର) ବ୍ୟକ୍ତିଙ୍କୁ ଗିରଫ କରାଯାଇଛି। ସେମାନଙ୍କ ନିକଟରୁ ପ୍ରାୟ ୧ କୋଟି ୪୮ ଲକ୍ଷ ଟଙ୍କା ମୂଲ୍ୟର ସୁନା ଓ ରୁପା ଅଳଙ୍କାର ସହ ଦୁଇଟି ଦାମୀ କାର୍ ଓ ଅନ୍ୟାନ୍ୟ ସାମଗ୍ରୀ ଜବତ କରାଯାଇଛି। କଟକ ଗ୍ରାମାଞ୍ଚଳ ଏସ୍.ପି. ଭିନିତ୍ ଅଗ୍ରୱାଲ ଆଜି ସାଲେପୁର ଏସଡିପିଓ କାର୍ଯ୍ୟାଳୟରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଏହି ସୂଚନା ଦେଇଛନ୍ତି।

ଏହି ଗ୍ୟାଙ୍ଗ୍ ବେଶ୍ ଚତୁରତାର ସହ ଚୋରି କରୁଥିଲେ। ପୁଲିସ ଠାରୁ ବଞ୍ଚିବା ପାଇଁ ଚୋରି ସମୟରେ ସେମାନେ ମୋବାଇଲ୍ ଫୋନ୍ ବଦଳରେ ୱାକିଟକି ବ୍ୟବହାର କରୁଥିଲେ, ଯାହାଫଳରେ ସେମାନଙ୍କର ଲୋକେସନ୍ ଟ୍ରାକ୍ କରିବା ପୁଲିସ ପାଇଁ କଷ୍ଟକର ହେଉଥିଲା। ବିଶେଷ କରି ଘରେ କେହି ନ ଥିବାର ସୁଯୋଗ ନେଇ କଟର ଓ ଲୁହା ରଡ୍ ସାହାଯ୍ୟରେ ସେମାନେ ଆଲମିରା ଭାଙ୍ଗି ଲୁଟ୍ କରୁଥିଲେ। ନିଶ୍ଚିନ୍ତକୋଇଲି, ସାଲେପୁର, ମାହାଙ୍ଗା, ନିଆଳି ଓ ଟାଙ୍ଗୀ ଭଳି ବିଭିନ୍ନ ଥାନା ଅଞ୍ଚଳରେ ଏହି ଗ୍ୟାଙ୍ଗ୍ ଆତଙ୍କ ଖେଳାଇଥିଲେ। ଘଟଣାର ମାଷ୍ଟରମାଇଣ୍ଡ କୁହାଯାଉଥିବା ଜଗତସିଂହପୁର ରଘୁନାଥପୁରର ରାଜେଶ ଖଟୁଆ (ଯାହାଙ୍କ ନାମରେ ୪୭ଟି ମାମଲା ରହିଛି) ଏବଂ ତିର୍ତ୍ତୋଲର ସୁଶାନ୍ତ ସ୍ୱାଇଁ (୨୮ଟି ମାମଲା)ଙ୍କୁ ପୁଲିସ ଗିରଫ କରିଛି। ସେହିପରି ଚୋରି ସାମଗ୍ରୀ କିଣିବା ଅଭିଯୋଗରେ କଟକ ଚୌଧୁରୀବଜାର,

> ୧ କୋଟି ୪୮ ଲକ୍ଷ ଟଙ୍କାର ସୁନା-ରୁପା ଅଳଙ୍କାର ସହ ‘ଥର୍’ ଓ ୱାକିଟକି ଜବତ
> ୱାକିଟକିରେ କଥା ହୋଇ ଚୋରି କରୁଥିଲେ ମାଷ୍ଟରମାଇଣ୍ଡ ରାଜେଶ ଓ ସୁଶାନ୍ତ

ଲାଲବାଗ, ସିଡିଏ ଏବଂ ଜଗତସିଂହପୁର ଅଞ୍ଚଳରୁ ୮ ଜଣ ବ୍ୟବସାୟୀଙ୍କୁ ଗିରଫ କରାଯାଇଛି। ସେମାନଙ୍କ ନିକଟରୁ ୯୨୫ ଗ୍ରାମ ସୁନା, ୩ କିଲୋ ୧୦୦ ଗ୍ରାମ ରୂପା, ନଗଦ ୬୧,୬୦୦ ଟଙ୍କା, ଏକ ମହିନ୍ଦ୍ରା ଥର, ଏକ ଫର୍ଡ ଫିଗୋ କାର୍ ଏବଂ ୱାକିଟକି ସେଟ୍ ଜବତ ହୋଇଛି। ଏହି ସିରିଜ୍ ଚୋରିର ପର୍ଦ୍ଦାଫାଶ କରିବା ପାଇଁ ଏସପିଙ୍କ ନିର୍ଦ୍ଦେଶକ୍ରମେ ସାଲେପୁର ଏସଡିପିଓ ବିରଞ୍ଚି ନାରାୟଣ ପତିଙ୍କ ନେତୃତ୍ୱରେ ଏକ ସ୍ୱତନ୍ତ୍ର ସ୍କ୍ୱାଡ୍ ଗଠନ କରାଯାଇଥିଲା। ଏହି ଟିମ୍‌ରେ ମାହାଙ୍ଗା, ନିଶ୍ଚିନ୍ତକୋଇଲି ଓ ସାଲେପୁର ଆଇଆଇସିମାନେ ସାମିଲ ହୋଇ ବିଭିନ୍ନ ଦିଗରୁ ତଦନ୍ତ କରି ଏହି ଡିଜିଟାଲ୍ ଚୋର ଗ୍ୟାଙ୍ଗ୍‌କୁ ଧରିବାରେ ସଫଳ ହୋଇଛନ୍ତି।

# ସିବିଏସ୍‌ଇ ଦଶମ ପରୀକ୍ଷାରେ ସାଲେପୁର ପବ୍ଲିକ୍ ସ୍କୁଲର ସଫଳତା



ସାଲେପୁର,୧୫।୪(ସମିସ): ଆଜି ସିବିଏସ୍‌ଇ ଦଶମ ପରୀକ୍ଷା ଫଳ ପ୍ରକାଶ ପାଇଥିବାବେଳେ ସାଲେପୁର ପବ୍ଲିକ୍ ସ୍କୁଲର ଛାତ୍ରୀ ୯୯ ପ୍ରତିଶତ ନମ୍ବର ରଖି କୃତିତ୍ୱ ହାସଲ କରିଥିବା ଜଣାଯାଇଛି। ଏହି ପରୀକ୍ଷାରେ ସାଲେପୁର ପବ୍ଲିକ୍ ସ୍କୁଲର ୧୦୧ ଜଣ ପିଲା ୨୦୨୬ ସିବିଏସ୍‌ଇ ଦଶମ ବୋର୍ଡ ପରୀକ୍ଷା ଦେଇଥିବାବେଳେ ତନ୍ମଧ୍ୟରୁ ସ୍ନେହାଶ୍ରଦ୍ଧା ଦାସ ସର୍ବାଧିକ ୯୯ ପ୍ରତିଶତ ନମ୍ବର ରଖି ବିଦ୍ୟାଳୟର ଟପ୍ପର ହୋଇଥିବାବେଳେ ୧୬ଜଣ ଛାତ୍ରଛାତ୍ରୀ ଶତକଡ଼ା ୯୦ପ୍ରତିଶତରୁ ଉର୍ଦ୍ଧ୍ୱ ନମ୍ବର ରଖି ବିଦ୍ୟାଳୟର ଗୌରବ ବୃଦ୍ଧି କରିଛନ୍ତି। ଫଳାଫଳକୁ ନେଇ ବିଦ୍ୟାଳୟର ପରିଚାଳନା ନିର୍ଦ୍ଦେଶିକା ଡଃ ଜୟନ୍ତୀ ମିଶ୍ର, ସଂପାଦକ ଦିଲ୍ଲୀପ ବରାଳ, ଅଧ୍ୟକ୍ଷ ଡଃ ଅଭିରାମ ସାହୁ, ନିଜ ନିଜ ଖୁସୀ ବ୍ୟକ୍ତ କରିବା ସହ ଛାତ୍ରଛାତ୍ରୀଙ୍କ ସଫଳତାକୁ ନେଇ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ଧନ୍ୟବାଦ ଜଣାଇବା ସହ କୃତିତ୍ୱ ହାସଲ କରିଥିବା ଛାତ୍ରଛାତ୍ରୀଙ୍କୁ ସ୍ୱାଗତ ଜଣାଇଛନ୍ତି। ଏଠାରେ ପ୍ରକାଶଯୋଗ୍ୟ ଯେ ବିଦ୍ୟାଳୟର ଟପ୍ପର ହୋଇଥିବା ଛାତ୍ରୀ ସ୍ନେହାଶ୍ରଦ୍ଧା ଦାସଙ୍କ ଘର ମାଛୁଆଡି ଗ୍ରାମରେ ହୋଇଥିବାବେଳେ ତାଙ୍କ ପିତା ସମ୍ବିତ୍ ଦାସ ଜଣେ ସାମ୍ବାଦିକ ଭାବେ କାର୍ଯ୍ୟ କରୁଥିବାବେଳେ ମା’ ଇତିଶ୍ରୀ ଦାସ ଜଣେ ଗୃହିଣୀ ଭାବେ କାର୍ଯ୍ୟ କରୁଛନ୍ତି। ସ୍ନେହାଙ୍କ ସଫଳତା ପାଇଁ ସେ ତାଙ୍କ ପିତାମାତା, ବିଦ୍ୟାଳୟର ନିର୍ଦ୍ଦେଶିକା, ଅଧ୍ୟକ୍ଷ, ସଂପାଦକ ଏବଂ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ଶ୍ରେୟ ଦେବା ସହ ସେ ଭବିଷ୍ୟତରେ ଜଣେ ବୈଜ୍ଞାନିକ ହୋଇ ଦେଶର ହିତ ପାଇଁ କାର୍ଯ୍ୟ କରିବାକୁ ପ୍ରକାଶ କରିଛନ୍ତି।

# ବିଷ୍ଣୁପ୍ରିୟାଙ୍କୁ ‘ସେବାରତ୍ନ’ ସମ୍ମାନ



କଣ୍ଟାପଡ଼ା,୧୫।୪(ସମିସ): କଣ୍ଟାପଡ଼ା ବ୍ଲକ ମିଶନ ଶକ୍ତି ସମ୍ପାଦିକା ସୁଶ୍ରୀ ବିଷ୍ଣୁପ୍ରିୟା ପାତ୍ର ନିଜର ନିରନ୍ତର ସମାଜସେବା ପାଇଁ ରାଜ୍ୟସ୍ତରରେ ସମ୍ମାନିତ ହୋଇ ଅଞ୍ଚଳ ପାଇଁ ଗୌରବ ଆଣିଛନ୍ତି। ଗତକାଲି ଡକ୍ଟର ବି.ଆର. ଆମ୍ବେଦକରଙ୍କ ୧୩୬ତମ ଜୟନ୍ତୀ ଅବସରରେ ଭୁବନେଶ୍ୱରସ୍ଥିତ ଫିଜିକ୍ସ ପ୍ରେକ୍ଷାଳୟରେ ଆୟୋଜିତ ଏକ ସ୍ୱତନ୍ତ୍ର ଉତ୍ସବରେ ତାଙ୍କୁ ସମ୍ମାନଜନକ “ସେବା ରତ୍ନ” ପୁରସ୍କାର ପ୍ରଦାନ କରାଯାଇଛି। ଏହି ଉତ୍ସବରେ ଓଡ଼ିଶା ଉଚ୍ଚ ନ୍ୟାୟାଳୟର ଅବସରପ୍ରାପ୍ତ ବିଚାରପତି ଡି.ପି. ଚୌଧୁରୀ, ଲୋକସଭା ସାଂସଦ ବିଭୂ ପ୍ରସାଦ ତରାଇ, ପ୍ରଫେସର କେ.ସି. ମିଶ୍ର, ପ୍ରଫେସର ଡି.କେ. ଗିରୀ, ପ୍ରଫେସର କରୁଣାକର ନନ୍ଦ, ବରିଷ୍ଠ ସାମ୍ବାଦିକ ସୁଜ୍ଞାନ ଚୌଧୁରୀ ଏବଂ ଡକ୍ଟର କାଳୀ ଚରଣ ସିଂହ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ଗୋବିନ୍ଦପୁର ପଞ୍ଚାୟତ ମଜୁରାଇ ଗ୍ରାମର ୩୪ ବର୍ଷୀୟା ସୁଶ୍ରୀ ବିଷ୍ଣୁପ୍ରିୟା ପାତ୍ର ଦୀର୍ଘ ୧୨ ବର୍ଷ ଧରି ସମାଜର ଅବହେଳିତ ଲୋକଙ୍କ ସେବାରେ ନିଜକୁ ନିୟୋଜିତ ରଖିଛନ୍ତି।

# କନ୍ଦରପୁର ମହାବିଦ୍ୟାଳୟରେ ଖାଦ୍ୟ ମେଳା ଓ ରକ୍ତଦାନ ଶିବିର



କନ୍ଦରପୁର,୧୫।୪(ସମିସ): କଟକ ସଦର ପଞ୍ଚାୟତ ସମିତି ଆନୁକୂଲ୍ୟରେ କନ୍ଦରପୁର କଲେଜ ପରିସରରେ ପାରମ୍ପରିକ ଆମ ରୁଚି ଆମ ଖାଦ୍ୟ ମେଳା ଓ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଉକ୍ତ ଖାଦ୍ୟ ମେଳାରେ କନ୍ଦରପୁର, ଧରିଣା, ଗତିରାଉତପାଟଣା, ବୋଧପୁର, ଫକିରପଡ଼ା, ବେଣ୍ଟକାର, କଳପଡ଼ା, ନିମେଇସାପୁର ଆଦି ପଞ୍ଚାୟତର ସ୍ୱୟଂ ସହାୟତା ଗୋଷ୍ଠୀମାନେ ଖାଦ୍ୟମେଳାରେ ଭାଗନେଇଥିଲେ। ଏଥିସହିତ ମହାବିଦ୍ୟାଳୟ ପକ୍ଷରୁ ଏକ ରକ୍ତଦାନ ଶିବିରରୁ କଟକ ରେଡକ୍ରସ ରକ୍ତଭଣ୍ଡାର ପକ୍ଷରୁ ୧୧ ୟୁନିଟ୍ ରକ୍ତ ସଂଗୃହୀତ ହୋଇଥିଲା। କଟକ ସଦର ବିଧାୟକ ପ୍ରକାଶଚନ୍ଦ୍ର ସେଠୀ ଉଦଘାଟନ କରିଥିବା ବେଳେ ଏଥିରେ ବିଡିଓ ପ୍ରତୀକ ସାହୁ, ଅତିରିକ୍ତ ବିଡିଓ ଗିରିଜା ପ୍ରସାଦ ବାରିକ, ଜିଲ୍ଲା ପରିଷଦ ସଭ୍ୟ ପ୍ରଦୀପ୍ତ ମହାଲିଙ୍କ ସମେତ ବହୁ ଅଧିକାରୀ ଯୋଗଦେଇଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ହୃଷିକେଶ ଜେନା, ମଣ୍ଡଳ ସଭାପତି ନିରଞ୍ଜନ ରାଉଳ, ଅକ୍ଷୟ ଜେନା, ପିଇଓ ମଣ୍ଟୁ ମହନ୍ତଙ୍କ ସମେତ କନ୍ଦରପୁର ମହାବିଦ୍ୟାଳୟ ଅଧ୍ୟକ୍ଷା ଡ. ସ୍ୱାତି ପଣ୍ଡା, ଡ. ଅମୀୟ ନାୟକ, ଡ. ସଂଗ୍ରାମ କେଶରୀ ଜଗଦେବ, ଅଧ୍ୟାପକ ଏସ୍ ଚକ୍ରବର୍ତ୍ତୀ, ସଂଗ୍ରାମ ବେହେରା, ବୈଦ୍ୟନାଥ ପଣ୍ଡା, ଜିତେନ୍ଦ୍ର ସାହୁ ସହଯୋଗ କରିଥିଲେ।

# ହୋପ୍ ଏଜ୍ ଟ୍ରଷ୍ଟ ପକ୍ଷରୁ ଆଲୋଚନାଚକ୍ର



କଟକ,୧୫।୪(ସମିସ): ବରିଷ୍ଠ ନାଗରିକମାନଙ୍କ ମଧ୍ୟରେ ଦେଖାଯାଉଥିବା ନିଦ୍ରାଜନିତ ସମସ୍ୟା ଏବଂ ଏହାର ସମାଧାନ ନେଇ “ହୋପ୍ ଏଜ୍ ଟ୍ରଷ୍ଟ” ପକ୍ଷରୁ ରବିବାର ସନ୍ଧ୍ୟାରେ ଏକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଯାଇଛି। ମର୍କତ ନଗର ସେକ୍ଟର-୭ସ୍ଥିତ “ଆଶ୍ରୟ ଦି ସେଲଟର’ ପରିସରରେ ଏହି ଆଲୋଚନାଚକ୍ରରେ ମୁଖ୍ୟଅତିଥି ଭାବେ ନିଦ୍ରା ରୋଗ ଚିକିତ୍ସକ ଡାକ୍ତର ଅର୍ପିତା ପ୍ରିୟଦର୍ଶିନୀ କହିଥିଲେ ଯେ ଉନ୍ନତ ଜୀବନଶୈଳୀ ସହ ନିୟମିତ ଶାରୀରିକ ବ୍ୟାୟାମ, ଧ୍ୟାନ ଏବଂ ଆଧ୍ୟାତ୍ମିକ ପୁସ୍ତକ ପଠନ ସୁଖ ନିଦ୍ରା ପାଇଁ ଅତ୍ୟନ୍ତ ସହାୟକ ହୋଇଥାଏ। କିଶୋର ଶତପଥୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସଭାରେ ଟ୍ରଷ୍ଟି ଡ. ସତ୍ୟ ରାୟ, ସମ୍ପାଦକ ରଞ୍ଜିତ ସାହୁ, ଉପସଭାପତି ବିଜୟପୃଷ୍ଟି, କେଦାରନାଥ ଜାଲି, ଇଂ କେ.କେ. ଦାସବର୍ମା, ଡାକ୍ତର ଜି.ବି. ସାହୁ, ପୁଷ୍ପଲତା ପତି, ଗୋବିନ୍ଦ ଜେନା ଏବଂ ପି.କେ. ସାହୁ ଆଲୋଚନାରେ ସକ୍ରିୟ ଅଂଶଗ୍ରହଣ କରିଥିଲେ।

# ମାଇଁ ଭାରତ ପକ୍ଷରୁ ଆମ୍ବେଦକର ଜୟନ୍ତୀ




ଟାଙ୍ଗୀ,୧୫।୪(ସମିସ): ମାଇଁ ଭାରତ କଟକ ଓ ଦିଗବଳୟ ଅନୁଷ୍ଠାନର ମିଳିତ ଆନୁକୁଲ୍ୟରେ ଟାଙ୍ଗୀ ଚୌଦ୍ୱାର ବ୍ଲକ ଗରୁଡ଼ଗାଁ ପଞ୍ଚାୟତ ବିଶ୍ୱନାହାକାଣୀ ସରକାରୀ ହାଇସ୍କୁଲ ପରିସରରେ ଆମ୍ବେଦକର ଜୟନ୍ତୀ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଦିଗବଳୟ ସମ୍ପାଦକ ଗଙ୍ଗାଧର ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବିଶିଷ୍ଟ ସମାଜସେବୀ ସୁବୋଧ ସାମଲ, ମୁଖ୍ୟବକ୍ତା ଭାବେ ସ୍ଥାନୀୟ ସରପଞ୍ଚ ଦିପ୍ତିମୟୀ ବେହେରା, ସମ୍ମାନିତ ଅତିଥିଭାବେ ବିଶ୍ୱନାହାକାଣୀ କଲେଜର ଅଧ୍ୟକ୍ଷ ଡ଼ ସଚ୍ଚିଦାନନ୍ଦ ପ୍ରଧାନ ଯୋଗଦେଇଥିଲେ। ଏହି ଅବସରରେ ରଚନା ପ୍ରତିଯୋଗିତା କରାଯାଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। କ୍ରୀଡ଼ା ଶିକ୍ଷକ ଦିପ୍ତି ସାର ଧନ୍ୟବାଦ ଦେଇଥିବାବେଳେ ଯୁବ ସମାଜସେବୀ ଚକ୍ରଧର ନାୟକ ସହଯୋଗ କରିଥିଲେ।

# ମଧୁସୂଦନ ଆଇନ ବିଶ୍ୱବିଦ୍ୟାଳୟର ନୂତନ କୁଳପତିଙ୍କୁ ସମ୍ବର୍ଦ୍ଧନା



କଟକ,୧୫।୪(ସମିସ): ମଧୁସୂଦନ ଆଇନ ବିଶ୍ୱବିଦ୍ୟାଳୟର ନୂତନ ଭାବେ ନିଯୁକ୍ତ କୁଳପତି ପ୍ରଫେସର ସିବରାମ ତ୍ରିପାଠୀଙ୍କୁ ଅଲ୍ ଓଡ଼ିଶା ଲ ଷ୍ଟୁଡେଣ୍ଟସ ଏଣ୍ଡ ଲୟର୍ସ ଆସୋସିଏସନ (ଏଓଏଲଏସଏଲଏ) ପକ୍ଷରୁ ସମ୍ମାନ ଓ ଅଭିନନ୍ଦନ ଜ୍ଞାପନ କରାଯାଇଛି। ଏହି ସାକ୍ଷାତକାର ସମୟରେ ଏକ ସକାରାତ୍ମକ ପରିବେଶରେ ବିଭିନ୍ନ ଶିକ୍ଷାଗତ ସମସ୍ୟା ଉପରେ ଆଲୋଚନା ହୋଇଥିଲା। ବିଶ୍ୱବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ପାଇଁ ପୃଥକ ହଷ୍ଟେଲ ସୁବିଧାର ଆବଶ୍ୟକତା ସମ୍ବନ୍ଧରେ ସଂଘ ପକ୍ଷରୁ ଏକ ଗଠନମୂଳକ ପ୍ରସ୍ତାବ ଉପସ୍ଥାପନ କରାଯାଇଥିଲା। ଦୂରଦୂରାନ୍ତରୁ ଆସୁଥିବା ଛାତ୍ରଛାତ୍ରୀଙ୍କ ସୁବିଧା ଓ ଶିକ୍ଷାନୁକୂଳ ପରିବେଶ ସୃଷ୍ଟି ପାଇଁ ତୁରନ୍ତ ହଷ୍ଟେଲ ନିର୍ମାଣ ଦିଗରେ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ କୁଳପତିଙ୍କୁ ଅନୁରୋଧ କରାଯାଇଥିଲା। ପ୍ରଫେସର ତ୍ରିପାଠୀ ଏହି ବିଷୟକୁ ଗୁରୁତ୍ୱର ସହ ଶୁଣିବା ସହ ଛାତ୍ରଛାତ୍ରୀଙ୍କ କଲ୍ୟାଣ ନିମନ୍ତେ ଉପଯୁକ୍ତ ପଦକ୍ଷେପ ନିଆଯିବ ବୋଲି କହିଥିଲେ। ଏହି ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଏଓଏଲଏସଏଲଏର ଅଧ୍ୟକ୍ଷ ତଥା ଓଡ଼ିଶା ଉଚ୍ଚ ନ୍ୟାୟାଳୟର ଅଧିବକ୍ତା ରୋହିତ କୁମାର ସୁନାଙ୍କ ନେତୃତ୍ୱରେ ଆୟୋଜିତ ହୋଇଥିଲା। ଏଥିରେ ବିଶ୍ୱଜିତ ପଟ୍ଟନାୟକ, ଅଗ୍ନେୟ ପାଣି, ଦୀପରାଜ ଦାସ, ସାଇଦତ୍ତ ବିପ୍ଳବ, ସତ୍ୟପ୍ରକାଶ ମହାପାତ୍ର, ସନ୍ଦୀପ ବିଶ୍ୱାଳ, ଅଲେଖ ଭୋଇ, ବିକାଶ ପରିଡ଼ା, ବିଶ୍ୱମ୍ବର ତରାଇ, ବିଶ୍ୱରଞ୍ଜନ ସାହୁ, କେ. ଦିଥିଶ, ବାସ୍ତବ ଗୁରୁ ଏବଂ ନବୀନ ମତ ରଖିଥିଲେ।

ଶ୍ରଦ୍ଧାଞ୍ଜଳି
ଦଶମ ଶ୍ରାଦ୍ଧବାର୍ଷିକୀ



✓ ଶରତ କୁମାର ମହାନ୍ତି
ବିଣାଦଣ୍ଡା, ବାସୁଦେବପୁର, ଭଦ୍ରକ
ଆବିର୍ଭାବ : ୨୫.୦୧.୧୯୫୯, ତିରୋଧାନ : ୧୬.୦୪.୨୦୧୬

ଦଶମ ଶ୍ରାଦ୍ଧବାର୍ଷିକୀ ଅବସରରେ ଆପଣଙ୍କ ପବିତ୍ର ତଥା ଅମର ଆତ୍ମାର ସଦ୍‌ଗତି ଓ ଚିରଶାନ୍ତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଆମର ବିନମ୍ର ପ୍ରାର୍ଥନା।

ଶ୍ରଦ୍ଧାଞ୍ଜଳି ସହ: ସମସ୍ତ ପରିବାରବର୍ଗ, ବନ୍ଧୁ ଓ ଆତ୍ମୀୟସ୍ୱଜନ

# ଡ. ଦୋଳଗୋବିନ୍ଦ ଶାସ୍ତ୍ରୀ ସାରସ୍ୱତ ସନ୍ଧ୍ୟା



କଟକ,୧୫।୪(ସମିସ): କଟକର ପ୍ରସିଦ୍ଧ ସାରସ୍ୱତ ପୀଠ ସାରଳା ଭବନଠାରେ ବୁଧବାର ସନ୍ଧ୍ୟାରେ ପ୍ରଖ୍ୟାତ ସାରସ୍ୱତ ସାଧକ ଡକ୍ଟର ଦୋଳ ଗୋବିନ୍ଦ ଶାସ୍ତ୍ରୀଙ୍କ ସ୍ମୃତିରେ “ସାରସ୍ୱତ ସନ୍ଧ୍ୟା ଓ ସାରସ୍ୱତ ସମ୍ମାନ ପ୍ରଦାନ ସମାରୋହ’ ଅନୁଷ୍ଠିତ ହୋଇଯାଇଛି। ଡ. ଦୋଳ ଗୋବିନ୍ଦ ଶାସ୍ତ୍ରୀ ଫାଉଣ୍ଡେସନ ପକ୍ଷରୁ ଆୟୋଜିତ ଏହି ଉତ୍ସବରେ ଚଳିତ ବର୍ଷର ମର୍ଯ୍ୟାଦାଜନକ “ଡ. ଦୋଳ ଗୋବିନ୍ଦ ଶାସ୍ତ୍ରୀ ସାରସ୍ୱତ ସମ୍ମାନ’ ବିଶିଷ୍ଟ ଲେଖିକା ଡ. ହେନେରିଟା ମିଶ୍ରଙ୍କୁ ପ୍ରଦାନ କରାଯାଇଛି। ଓଡ଼ିଶା ଉଚ୍ଚ ନ୍ୟାୟାଳୟର ପ୍ରାକ୍ତନ ବିଚାରପତି ଜଷ୍ଟିସ ବିଜୟ କୁମାର ନାୟକ ମୁଖ୍ୟଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦଘାଟନ କରିବା

## ଡକ୍ଟର ହେନେରିଟା ମିଶ୍ର ସମ୍ମାନିତ

ସହ କହିଥିଲେ ଯେ, ସାରସ୍ୱତ ସାଧନା ଓ ଗବେଷଣା କ୍ଷେତ୍ରରେ ଡକ୍ଟର ଶାସ୍ତ୍ରୀଙ୍କ ଭୂମିକା ଅନନ୍ୟ। ବିଶେଷ କରି ନାଥ ସାହିତ୍ୟକୁ ଲୋକଲୋଚନକୁ ଆଣିବାରେ ତାଙ୍କର ଅବଦାନ ଅତୁଳନୀୟ। ଫାଉଣ୍ଡେସନର ସଭାପତି ତଥା ସାହିତ୍ୟିକ ଡକ୍ଟର ଇଞ୍ଜିନିୟର ପ୍ରଭାକର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସଭାରେ ସମ୍ମାନିତ ଅତିଥି ଭାବେ ବିଶିଷ୍ଟ ସାହିତ୍ୟିକ ଓ ପ୍ରଶାସକ ଡକ୍ଟର ଧରଣୀଧର ନାଥ ଏବଂ ମୁଖ୍ୟବକ୍ତା ଭାବେ ଡ. ନାରାୟଣ ପଣ୍ଡା ଯୋଗଦେଇ ଡକ୍ଟର ଶାସ୍ତ୍ରୀଙ୍କ ପାଣ୍ଡିତ୍ୟ ଓ ବହୁମୁଖୀ ପ୍ରତିଭା ଉପରେ ଆଲୋକପାତ କରିଥିଲେ। ସଭାପତି ଡକ୍ଟର ସ୍ୱାଇଁ ଶାସ୍ତ୍ରୀଙ୍କୁ ଜଣେ ଜ୍ଞାନ ତପସ୍ୱୀ ତଥା ଅନେକ ଶିକ୍ଷାନୁଷ୍ଠାନର ପ୍ରତିଷ୍ଠାତା ଭାବେ ଅଭିହିତ କରିଥିଲେ। ଫାଉଣ୍ଡେସନର ଉପସଭାପତି ନାଟ୍ୟକାର ସଞ୍ଜିତ କୁମାର ପଟ୍ଟନାୟକ ସ୍ୱାଗତ ଭାଷଣ ଦେଇଥିବା ବେଳେ ସମ୍ପାଦକ ଡକ୍ଟର ଚୌଧୁରୀ ସତ୍ୟ ଦାସ ବିବରଣୀ ପାଠ କରିଥିଲେ। ଡକ୍ଟର ମଞ୍ଜୁଶ୍ରୀ ଶାସ୍ତ୍ରୀ ମାନପତ୍ର ପାଠ କରିଥିବା ବେଳେ ଡକ୍ଟର ଇଞ୍ଜିନିୟର ଚୌଧୁରୀ ସମ୍ପଦ ଦାସ ଧନ୍ୟବାଦ ଦେଇଥିଲେ। ଏହି ଉତ୍ସବରେ ସହରର ବହୁ ବିଶିଷ୍ଟ ସାହିତ୍ୟିକ ଓ ବୁଦ୍ଧିଜୀବୀ ଉପସ୍ଥିତ ଥିଲେ।

# କଟକ ସିଟି





### 'ଅପରେସନ୍ ନନ୍ହେ ଫରିସ୍ତେ'

# ଷ୍ଟେସନରୁ ବିହାରର ୫୯ ନାବାଳକ ଉଦ୍ଧାର

### ମଦ୍ରାସାରେ ପାଠ ପଢ଼ାଇବା ବାହାନାରେ ଅଣାଯାଉଥିଲା

### ଜଣେ ମୌଲାନା ଅଟକ, ଶିଶୁ ମଙ୍ଗଳ କମିଟିକୁ ହସ୍ତାନ୍ତର




କଟକ,୧୫।୪(ସମିସ): କଟକ ରେଳ ଷ୍ଟେସନରେ ଆରପିଏଫ୍ (ଆରପିଏଫ) ପକ୍ଷରୁ "ଅପରେସନ୍ ନନ୍ହେ ଫରିସ୍ତେ' ଜରିଆରେ ଏକ ବଡ଼ ଧରଣର ସଫଳତା ମିଳିଛି। ମଙ୍ଗଳବାର ସନ୍ଧ୍ୟାରେ ହାୱଡ଼ା-ପୁରୀ ଧଉଳି ଏକ୍ସପ୍ରେସ୍‌ରୁ ବିହାରର ଅରାରିଆ ଜିଲ୍ଲାର ପ୍ରାୟ ୫୯ ଜଣ ନାବାଳକଙ୍କୁ ସନ୍ଦେହଜନକ ଭାବେ ଉଦ୍ଧାର କରାଯାଇଛି। ମଦ୍ରାସାରେ ମାଗଣା ଶିକ୍ଷା ଓ ରହଣିର ପ୍ରଲୋଭନ ଦେଖାଇ ଏହି ଶିଶୁମାନଙ୍କୁ ଓଡ଼ିଶା ଅଣାଯାଉଥିବା ବେଳେ ପୁଲିସ ସେମାନଙ୍କୁ କାବୁ କରିଛି।

ସୂଚନା ଅନୁଯାୟୀ, ଗତ ୧୪ ତାରିଖ ସନ୍ଧ୍ୟା ପ୍ରାୟ ୬ଟା ୩୦ ମିନିଟ୍ ସମୟରେ ୪ ନମ୍ବର ପ୍ଲାଟଫର୍ମରେ ଧଉଳି ଏକ୍ସପ୍ରେସ୍ ପହଞ୍ଚିବା ପରେ ଏକାସାଙ୍ଗରେ ବହୁ ସଂଖ୍ୟାରେ ନାବାଳକ ଟ୍ରେନ୍‌ରୁ ଓହ୍ଲାଉଥିବା ଆରପିଏଫ୍ ଅଧିକାରୀଙ୍କ ନଜରକୁ ଆସିଥିଲା। ସନ୍ଦେହ ହେବାରୁ ପୁଲିସ ସମସ୍ତଙ୍କୁ ଅଟକ ରଖି ପଚରାଉଚରା କରିବା ସହ ତୁରନ୍ତ "ଚାଇଲ୍ଡ ଲାଇନ୍'କୁ ଖବର ଦେଇଥିଲା। ଅନୁସନ୍ଧାନରୁ ଜଣାପଡ଼ିଥିଲା ଯେ, ଏହି ଶିଶୁମାନେ ବିହାରର ଅରାରିଆ ଜିଲ୍ଲାର ଅତ୍ୟନ୍ତ ଗରିବ ପରିବାରର। ସେମାନଙ୍କୁ ଅରାରିଆରୁ କଟିହାର ଏବଂ ପରେ ହାୱଡ଼ା ଦେଇ କଟକ ଅଣାଯାଇଥିଲା। ନାବାଳକଙ୍କ ସହ ମୌଲାନା ମହମ୍ମଦ ଅଖଲାଦ ନାମକ ଜଣେ ବ୍ୟକ୍ତି ଉପସ୍ଥିତ ଥିଲେ। ସେ ଜଗତସିଂହପୁର ଜିଲ୍ଲା ଦେଉଳି ଗ୍ରାମେଶ୍ୱର ଅଞ୍ଚଳର ଏକ ମାଦ୍ରାସାରେ ଏହି ପିଲାମାନଙ୍କୁ ନାମ ଲେଖାଇବା ପାଇଁ ଆଣିଥିବା ଦାବି କରିଥିଲେ। ମାତ୍ର ଏନେଇ ସେ କୌଣସି ବୈଧ କାଗଜପତ୍ର କିମ୍ବା ଅନୁମତିପତ୍ର ଦେଖାଇ ପାରି ନ ଥିଲେ। ପିଲାମାନଙ୍କ କହିବା ଅନୁଯାୟୀ, ବିହାରରେ ପାଠପଢ଼ା ମହଙ୍ଗା ଥିବାରୁ ସେମାନଙ୍କୁ ଓଡ଼ିଶାରେ ମାଗଣା ଖାଇବା, ରହିବା ଏବଂ ଧାର୍ମିକ ଶିକ୍ଷା ଦେବାକୁ ପ୍ରତିଶ୍ରୁତି ଦିଆଯାଇଥିଲା। ଆରପିଏଫ୍ ପକ୍ଷରୁ ଜିଆରପି, ସ୍ଥାନୀୟ ପୁଲିସ ଏବଂ ଜିଲ୍ଲା ଶିଶୁ ମଙ୍ଗଳ କମିଟି (ସିଡବ୍ଲୁସି)କୁ ଖବର ଦିଆଯାଇଥିଲା। ଉଦ୍ଧାର ହୋଇଥିବା ଶିଶୁମାନଙ୍କୁ ତୁରନ୍ତ ଖାଦ୍ୟ, ପାଣି ଏବଂ ଅନ୍ୟାନ୍ୟ ଆବଶ୍ୟକ ସୁବିଧା ଯୋଗାଇ ଦିଆଯାଇଥିଲା। ସିଡବ୍ଲୁସି ଟିମ୍‌ର ଉପସ୍ଥିତିରେ ସମସ୍ତ ୫୯ ଜଣ ନାବାଳକଙ୍କୁ ଉଦ୍ଧାର କରାଯାଇଛି। ବର୍ତ୍ତମାନ ଏହି ଶିଶୁମାନଙ୍କୁ ସୁରକ୍ଷିତ ଭାବେ ସିଡବ୍ଲୁସି ଟିମ୍‌କୁ ହସ୍ତାନ୍ତର କରାଯାଇଛି, ଯେଉଁଠାରେ ସେମାନଙ୍କର ଯତ୍ନ ଓ ଥଇଥାନ ପ୍ରକ୍ରିୟା ଜାରି ରହିଛି। ଏହି ଘଟଣା ପରେ ଶିଶୁ ଚାଲାଣ ପଛରେ କୌଣସି ବଡ଼ ର୍ୟାକେଟ୍ ଅଛି କି ନାହିଁ, ସେନେଇ ପୁଲିସ ଖୋଳତାଡ଼ ଆରମ୍ଭ କରିଛି।

# କଟକର ଇଂରାଜୀ ବନାନ ସଂଶୋଧନ ମାମଲା ହାଇକୋର୍ଟରେ ଖାରଜ

କଟକ,୧୫।୪(ସମିସ): ଓଡ଼ିଶାର ଐତିହାସିକ ସହର କଟକର ଇଂରାଜୀ ବନାନ ସଂଶୋଧନ କରିବା ପ୍ରସଂଗରେ ରୁଜୁ ଜନସ୍ୱାର୍ଥ ମାମଲାର ଶୁଣାଣି ପାଇଁ ହାଇକୋର୍ଟ ଅଗ୍ରାହ୍ୟ କରିଛନ୍ତି। ଶ୍ରୀଜିତ ଖୁଣ୍ଟିଆଙ୍କ ତରଫରୁ ରୁଜୁ ଆବେଦନକୁ ମୁଖ୍ୟ ବିଚାରପତି ଜଷ୍ଟିସ ହରିଶ ଟଣ୍ଡନ ଓ ଜଷ୍ଟିସ ଏମ.ଏସ.ରମଣଙ୍କୁ ନେଇ ଗଠିତ ଖଣ୍ଡପୀଠ ଖାରଜ କରିଦେଇଛନ୍ତି। ବର୍ତ୍ତମାନର ଇଂରାଜୀ ବନାନ 'ସିୟୁଟିଟିଏସିକେ' ବଦଳରେ ଏହାର ପ୍ରକୃତ ତଥା ପୁରାତନ ନାମ 'କେଏଟିଟିକେ' ବ୍ୟବହାର କରିବା ପାଇଁ ଏହି ଆବେଦନରେ ପ୍ରାର୍ଥନା କରାଯାଇଥିଲା। ଆବେଦନକାରୀ ଦର୍ଶାଇଥିଲେ ଯେ ୧୯୧୭ ମସିହାର ମାଟ୍ରିକ୍ୟୁଲେସନ ସାର୍ଟିଫିକେଟରେ ଏଭଳି ଇଂରାଜୀ ବନାନ ଥିଲା। ସେହିପରି ୧୯୨୪ରେ ରେଭେନ୍ସା ବିଶ୍ୱବିଦ୍ୟାଳୟ ପରିସରରେ ନିର୍ମିତ ପାୱାର ହାଉସର ଲୌହ ବାକ୍ସରେ ମଧ୍ୟ ସମାନ ବନାନ ଖୋଦିତ ହୋଇଛି। ସରକାର ନିକଟରେ ଓଡ଼ିଶାର ପ୍ରାୟ ୧୧ଟି ସ୍ଥାନର ଇଂରାଜୀ ବନାନରେ ସଂଶୋଧନ କରିବା ପାଇଁ ବିଜ୍ଞପ୍ତି ପ୍ରକାଶ କରିଛନ୍ତି। ମାତ୍ର ଏହି ତାଲିକାରେ କଟକ ସହରର ନାମ ସ୍ଥାନ ପାଇନାହିଁ। ସୂଚନାଯୋଗ୍ୟ ଯେ ଏହି ପ୍ରସଙ୍ଗରେ ପୂର୍ବରୁ ୨୦୧୩ ଏବଂ ୨୦୧୭ରେ ମଧ୍ୟ ହାଇକୋର୍ଟରେ ମାମଲା ଦାୟର କରାଯାଇଥିଲା। ତେବେ ୨୦୧୯ ରେ ଏକ ମାମଲାର ଶୁଣାଣି ବେଳେ ହାଇକୋର୍ଟ ସ୍ପଷ୍ଟ କରିଥିଲେ ଯେ କୌଣସି ସହରର ନାମ ବଦଳାଇବା ସରକାରଙ୍କ ଏକ ସ୍ୱତନ୍ତ୍ର ଅଧିକାର ଅଟେ।

## କମିସନରେଟ୍ ପୁଲିସରେ ଅଦଳବଦଳ

କଟକ, ୧୫।୪ (ସମିସ): କମିସନରେଟ୍ ପୁଲିସର ଏସିପି ଓ ଇନ୍ସପେକ୍ଟର ସ୍ତରରେ ଅଦଳବଦଳ ହୋଇଛି। କ୍ୟାପିଟାଲ ଥାନାରେ କାର୍ଯ୍ୟରତ ଇନ୍ସପେକ୍ଟର ନିରଞ୍ଜନ ବେହେରାଙ୍କୁ ବାରଙ୍ଗ ଥାନା ଅଧିକାରୀ ଭାବେ ଦାୟିତ୍ୱ ମିଳିଛି। ବାରଙ୍ଗ ଥାନା ଅଧିକାରୀ ଦେବେନ୍ଦ୍ର କୁମାର ବିଶ୍ୱାଳଙ୍କୁ ଖାରବେଳ ନଗର ଥାନା ଅଧିକାରୀ ଭାବେ ଅବସ୍ଥାପିତ କରାଯାଇଛି। ଖାରବେଳ ନଗର ଥାନା ଅଧିକାରୀ ରଜନୀକାନ୍ତ ମିଶ୍ରଙ୍କୁ ଦାୟିତ୍ୱ ହସ୍ତାନ୍ତର କରିବାକୁ କୁହାଯାଇଛି।

### ଡିଜି ଅଫିସ ସମ୍ମୁଖରେ ସ୍ୱାଭିମାନ ମଞ୍ଚର ଗଣଧାରଣା

# ଏସ୍‌ସିବି ପୂର୍ବତନ ଅଧୀକ୍ଷକଙ୍କ ଗିରଫ ଦାବି




### ଜାତିସୂଚକ ଗାଳି ଓ ପଦୋନ୍ନତି ରୋକିବା ଅଭିଯୋଗ

### ୧୫ ଦିନରେ କାର୍ଯ୍ୟାନୁଷ୍ଠାନ ନ ନେଲେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହେବାକୁ ଚେତାବନୀ

କଟକ,୧୫।୪(ସମିସ): ଏସ୍‌ସିବି ମେଡିକାଲର ପୂର୍ବତନ ଅଧୀକ୍ଷକ ଡାକ୍ତର ଗୌତମ ଶତପଥୀଙ୍କ ଗିରଫ ଦାବିରେ ଆଜି କଟକସ୍ଥିତ ପୁଲିସ ମହାନିର୍ଦ୍ଦେଶକଙ୍କ (ଡିଜି) କାର୍ଯ୍ୟାଳୟ ସମ୍ମୁଖରେ ଏକ ବିଶାଳ ଗଣଧାରଣା ଅନୁଷ୍ଠିତ ହୋଇଯାଇଛି। ଅଖିଳ ଓଡ଼ିଶା ଏସସି, ଏସଟି, ଓବିସି ସ୍ୱାଭିମାନ ମଞ୍ଚ ପକ୍ଷରୁ ଆୟୋଜିତ ଏହି ଆନ୍ଦୋଳନରେ ଶତାଧିକ କର୍ମୀ ସାମିଲ ହୋଇ ଅଭିଯୁକ୍ତଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରିଛନ୍ତି।

ଅଭିଯୋଗ ଅନୁଯାୟୀ, ଏସ୍‌ସିବି ମେଡିକାଲରେ କାର୍ଯ୍ୟରତ ଅଶୋକ କୁମାର ନାଏକଙ୍କ ନ୍ୟାୟୋଚିତ ପଦୋନ୍ନତିକୁ ପୂର୍ବତନ ଅଧୀକ୍ଷକ ଗୌତମ ଶତପଥୀ ଅଟକାଇବା ସହ ତାଙ୍କୁ ଜାତିସୂଚକ ଗାଳିଗୁଲଜ କରିଥିଲେ। ଏନେଇ ଶ୍ରୀ ନାଏକ ମାସେ ପୂର୍ବରୁ ଅଭିଯୋଗ କରିଥିଲେ ହେଁ ପୁଲିସ ପକ୍ଷରୁ କୌଣସି ତଦନ୍ତ କରାଯାଇ ନ ଥିବାରୁ ସ୍ୱାଭିମାନ ମଞ୍ଚ ଆଜି ରାଜରାସ୍ତାକୁ ଓହ୍ଲାଇଛି। ମଞ୍ଚର ସଭାପତି ସଞ୍ଜୟ କୁମାର ନାୟକଙ୍କ ନେତୃତ୍ୱରେ ଏକ ପ୍ରତିନିଧି ମଣ୍ଡଳୀ ଡିଜିଙ୍କ ଅନୁପସ୍ଥିତିରେ ଏଡିଜି ସୌମେନ୍ଦ୍ର ପ୍ରିୟଦର୍ଶୀଙ୍କୁ ଭେଟି ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ସ୍ମାରକପତ୍ରରେ ମଞ୍ଚ ପକ୍ଷରୁ କେତେକ ଗୁରୁତ୍ୱପୂର୍ଣ୍ଣ ଦାବି ରଖାଯାଇଛି, ଯଥା ଅଭିଯୁକ୍ତଙ୍କ ବିରୋଧରେ ତୁରନ୍ତ "ଆଟ୍ରୋସିଟି ଆକ୍ଟ' ଅଧୀନରେ ମାମଲା ରୁଜୁ କରିବା। ଜଣେ ଡିଏସ୍‌ପି ପାହ୍ୟାର ଅଧିକାରୀଙ୍କ ଦ୍ୱାରା ଘଟଣାର ନିରପେକ୍ଷ ତଦନ୍ତ କରାଯିବା। ଘଟଣାସ୍ଥଳର ସିସିଟିଭି ଫୁଟେଜ୍ ଜବତ କରି ରାଜ୍ୟ ଫରେନସିକ୍ ଲାବୋରେଟୋରୀକୁ ପଠାଇବା। ଆଲୋଚନା ସମୟରେ ଏଡିଜି ଶ୍ରୀ ପ୍ରିୟଦର୍ଶୀ ଏହି ଘଟଣାରେ ତ୍ୱରିତ ପଦକ୍ଷେପ ନେବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ତେବେ ୧୫ ଦିନ ମଧ୍ୟରେ ଯଦି ଅଭିଯୁକ୍ତଙ୍କ ବିରୋଧରେ କୌଣସି ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଯାଏ, ତେବେ ଆଗାମୀ ଦିନରେ ବ୍ୟାପକ ଆନ୍ଦୋଳନ କରାଯିବା ସହ ମାନ୍ୟବର ହାଇକୋର୍ଟଙ୍କ ଦ୍ୱାରସ୍ଥ ହେବେ ବୋଲି ସ୍ୱାଭିମାନ ମଞ୍ଚ ଚେତାବନୀ ଦେଇଛି।

# ପେସାଦାର ଲୁଟେରା ଗିରଫ

କଟକ,୧୫।୪(ସମିସ): ସିଆରଆରଆଇ ଥାନା ପୁଲିସ ଜଣେ ପେସାଦାର ଲୁଟେରାକୁ ଗିରଫ କରିବା ସହ ତା' ପାଖରୁ ଏକାଧିକ ଚୋରା ମୋବାଇଲ ଜବତ କରିଛି। ଗିରଫ ଅଭିଯୁକ୍ତ ଜଣକ ହେଉଛି କଟକ ସଦର ଥାନା ଗୋପାଳପୁର ସାମଲ ସାହିର ଆକାଶ ସାମଲ (୨୬)। ୨୦୨୫ ସେପ୍ଟେମ୍ବର ୧ ତାରିଖରେ ନିଆଳି ଅଞ୍ଚଳର ଚନ୍ଦ୍ରଶେଖର ପାଢ଼ୀ ବିଦ୍ୟାଧରପୁର ରାସ୍ତାରେ ଯାଉଥିଲା ସମୟରେ ସାଇ ମନ୍ଦିର ନିକଟରେ ଆକାଶ ଓ ତାର ସହଯୋଗୀ ରାହୁଲ ଏକ ବାଇକରେ ଆସି ତାଙ୍କ ମୋବାଇଲ ଝାମ୍ପି ନେଇଥିଲେ। ପୁଲିସ ଘଟଣାସ୍ଥଳର ସିସିଟିଭି ଫୁଟେଜ ଯାଞ୍ଚ କରି ଦୁଇ ଦୁର୍ବୃତ୍ତ ଆକାଶ ଓ ରାହୁଲକୁ ଚିହ୍ନଟ କରିଥିଲା। ପରେ ଗୋପାଳପୁର ଅଞ୍ଚଳରେ ଚଢ଼ଉ କରି ଆକାଶକୁ ଗିରଫ କରାଯାଇଥିବା ବେଳେ ସହଯୋଗୀ ରାହୁଲ ଫେରାର ହୋଇଯାଇଛି। ଆକାଶ ନାମରେ କଟକର ବିଭିନ୍ନ ଥାନାରେ ୧୦ରୁ ଅଧିକ ଲୁଟ୍ ଓ ଅପରାଧିକ ମାମଲା ରହିଛି। ଅଭିଯୁକ୍ତକୁ କୋର୍ଟ ଚାଲାଣ କରାଯାଇଥିବା ବେଳେ ଫେରାର ରାହୁଲକୁ ଧରିବା ପାଇଁ ପୁଲିସ ତନାଘନା ଜାରି ରଖିଛି।








ପ୍ରସିଦ୍ଧ ଖାଦ୍ୟ ସାମଗ୍ରୀ ପ୍ରସ୍ତୁତକାରୀ ସଂସ୍ଥା 'ଫାର୍ମବି' ଏବଂ 'ସକାଳ ଓ ନନ୍ଦିଘୋଷ ଟିଭି' ପକ୍ଷରୁ ଓଡ଼ିଆ ନବବର୍ଷ ଅବସରରେ ପଣା ବଣ୍ଟନ କାର୍ଯ୍ୟକ୍ରମ। ଭୁବନେଶ୍ୱରସ୍ଥିତ ରାମମନ୍ଦିର ନିକଟରେ ସକାଳ ୮ଟାରୁ ଅପରାହ୍ନ ୪ଟା ପର୍ଯ୍ୟନ୍ତ ଏହି ପଣାବଣ୍ଟନ କାର୍ଯ୍ୟକ୍ରମ ଚାଲିଥିଲା। ୬ ହଜାରରୁ ଊର୍ଦ୍ଧ୍ୱ ପଥଚାରୀ ଓ ଶ୍ରଦ୍ଧାଳୁଙ୍କୁ ପଣା ବଣ୍ଟନ କରାଯାଇଥିଲା। ଭୁବନେଶ୍ୱର ମେୟର ସୁଲୋଚନା ଦାସ ପଣା ବଣ୍ଟନ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ।

# ପିକ୍‌ଅପ୍ ଭ୍ୟାନ୍ ତଳୁ ରକ୍ତାକ୍ତ ମୃତଦେହ ଉଦ୍ଧାର

କଟକ,୧୫।୪(ସମିସ): ବୟାଳିଶମୌଜା ଥାନା ଅନ୍ତର୍ଗତ ବ୍ରହ୍ମପୁର ପଞ୍ଚାୟତ ଅଞ୍ଚଳରେ ଜଣେ ବ୍ୟକ୍ତିଙ୍କ ରକ୍ତାକ୍ତ ମୃତଦେହ ଉଦ୍ଧାର କରାଯାଇଛି। ମୃତକ ଜଣକ ହେଉଛନ୍ତି ଗଞ୍ଜାମ ଜିଲ୍ଲାର ମୂଳ ବାସିନ୍ଦା ତଥା ପେସାରେ ଜଣେ ଅଟୋ ଚାଳକ ସନ୍ତୋଷ କୁମାର ବାରିକ (୪୬)। ସୂଚନା ଅନୁଯାୟୀ, ବୁଧବାର ସକାଳେ ବ୍ରହ୍ମପୁର ଗ୍ରାମର ଜଣେ ବ୍ୟକ୍ତିଙ୍କ ଘର ସମ୍ମୁଖରେ ଛିଡ଼ା ହୋଇଥିବା ଏକ ପିକଅପ୍ ଭ୍ୟାନ୍ ତଳୁ ତାଙ୍କ ମୃତଦେହ ମିଳିଥିଲା। ପୁଲିସର ପ୍ରାରମ୍ଭିକ ତଦନ୍ତ ଏବଂ ସିସିଟିଭି ଫୁଟେଜରୁ ଜଣାପଡ଼ିଛି ଯେ ମଙ୍ଗଳବାର ରାତି ପ୍ରାୟ ୧୧ଟା ୧୫ ମିନିଟ୍ ସମୟରେ ସନ୍ତୋଷ ଅତ୍ୟଧିକ ନିଶାସକ୍ତ ଅବସ୍ଥାରେ ଚାଲିଚାଲି ଆସି ନିଜ ମୁଣ୍ଡକୁ ପିକଅପ୍ ଭ୍ୟାନରେ ବାରମ୍ବାର ପିଟିଥିଲେ। ଏହାପରେ ସେ ଗାଡ଼ି ତଳେ ଶୋଇପଡ଼ିଥିଲେ। ଅତ୍ୟଧିକ ମଦ୍ୟପାନ ଓ ମୁଣ୍ଡରେ ଆଘାତ ଲାଗିବା ଯୋଗୁଁ ତାଙ୍କର ମୃତ୍ୟୁ ଘଟିଥିବା ପୁଲିସ ସନ୍ଦେହ କରୁଛି। ମୃତ ସନ୍ତୋଷ ପୂର୍ବରୁ ମଧୁପାଟଣା ଅଞ୍ଚଳରେ ରହୁଥିବା ବେଳେ କିଛି ମାସ ହେବ ବୟାଳିଶମୌଜାର ଝିଙ୍କିରିଆ ଶ୍ରୀକ୍ରିଷ୍ଣା ବିହାରରେ ଭଡ଼ାରେ ରହୁଥିଲେ। ଅତ୍ୟଧିକ ନିଶା ସେବନ ଯୋଗୁଁ ସେ ନିଜ ଅଟୋ ବିକ୍ରି କରି ଦିନ ମଜୁରିଆ ଭାବେ କାମ କରୁଥିଲେ। ନିଶାସକ୍ତ ଅବସ୍ଥାରେ ସେ ପତ୍ନୀ ପୁଷ୍ପାଞ୍ଜଳି ଓ ୫ ବର୍ଷର ଝିଅକୁ ମାଡ଼ପିଟ୍ କରୁଥିବାରୁ, ପ୍ରାୟ ତିନି ମାସ ହେବ ପତ୍ନୀ ପିଲାଙ୍କୁ ଧରି ନିଜ ବାପଘରକୁ ପଳାଇଥିଲେ। ଘଟଣାସ୍ଥଳରେ ବୟାଳିଶମୌଜା ପୁଲିସ ଓ ସାଇଣ୍ଟିଫିକ୍ ଟିମ୍ ପହଞ୍ଚି ରକ୍ତ ନମୂନା ସଂଗ୍ରହ କରିବା ସହ ମୃତଦେହ ବ୍ୟବଚ୍ଛେଦ ପାଇଁ ଏସସିବି ମେଡିକାଲ ପଠାଇଥିଲେ। ସନ୍ତୋଷଙ୍କ ପକେଟରୁ ମିଳିଥିବା ଆଧାର କାର୍ଡ ଓ ଏଟିଏମ୍ କାର୍ଡରୁ ତାଙ୍କର ପରିଚୟ ମିଳିଥିଲା। ବର୍ତ୍ତମାନ ପୁଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଶବ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିବା ନେଇ ଥାନା ଆଇଆଇସି ହେମନ୍ତ କୁମାର ସେଠୀ ସୂଚନା ଦେଇଛନ୍ତି।

# ବାଲ୍ୟବିବାହ ମୁକ୍ତ ଓଡ଼ିଶା ଗଠନ ପାଇଁ ବୁଦ୍ଧିଜୀବୀଙ୍କ ସଂକଳ୍ପ




କଟକ,୧୫।୪(ସମିସ): ସରକାରଙ୍କ "ବାଲ୍ୟବିବାହ ମୁକ୍ତ ଓଡ଼ିଶା' ସ୍ୱପ୍ନକୁ ସାକାର କରିବା ପାଇଁ "ଉତ୍କଳ ସେବକ ସମାଜ' ପକ୍ଷରୁ ଏକ ବିଶେଷ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ସମ୍ପାଦକ ଡ. ଅମୀୟ ଭୂଷଣ ବିଶ୍ୱାଳଙ୍କ ପୌରହିତ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସମାଜର ବିଭିନ୍ନ ବର୍ଗର ବୁଦ୍ଧିଜୀବୀମାନେ ଏକତ୍ରିତ ହୋଇ ଏହି ସାମାଜିକ କୁସଂସ୍କାର ବିରୁଦ୍ଧରେ ମିଳିତ ଲଢ଼େଇ ପାଇଁ ସହମତି ପ୍ରକାଶ କରିଛନ୍ତି। ଏହି ଅବସରରେ ଅତିଥିଭାବେ ପ୍ରଫେସର ଡ. ଜୟନ୍ତ କୁମାର ପଣ୍ଡା କହିଲେ ଯେ ଏକବିଂଶ ଶତାବ୍ଦୀରେ ବାଲ୍ୟବିବାହ ପରି ପ୍ରଥା ଏକ ସଭ୍ୟ ସମାଜ ପାଇଁ ଲଜ୍ଜାକର। ସେହିଭଳି ସିଆଇଡି (କ୍ରାଇମ୍‌ବ୍ରାଞ୍ଚ) ଏସପି ଶ୍ରୀକୃଷ୍ଣ ପ୍ରସାଦ ପଟ୍ଟନାୟକ କହିଲେ ଯେ କେବଳ ଆଇନର ଦୃଢ଼ କାର୍ଯ୍ୟକାରିତା ନୁହେଁ, ବରଂ ବ୍ୟାପକ ଜନସଚେତନତା ମାଧ୍ୟମରେ ହିଁ ଏହି ସମସ୍ୟାର ସ୍ଥାୟୀ ନିରାକରଣ ସମ୍ଭବ। କାର୍ଯ୍ୟକ୍ରମରେ ଜାତୀୟ ସ୍ୱାସ୍ଥ୍ୟ ମିଶନର ରାଜ୍ୟ ପ୍ରକଳ୍ପ ଅଧିକାରୀ ସୁକାନ୍ତ ମିଶ୍ର, ବରିଷ୍ଠ ଆଇନଜୀବୀ ଉମାକାନ୍ତ ନନ୍ଦ, ପୂର୍ବତନ ରାଜ୍ୟ ଶିଶୁ ସୁରକ୍ଷା ଆୟୋଗ ସଦସ୍ୟ ହରିହର ନାୟକ ଏବଂ ଶିଶୁ ମଙ୍ଗଳ ସମିତିର ସଦସ୍ୟା ମନ୍ଦାକିନୀ ଜେମା ପ୍ରମୁଖ ଯୋଗ ଦେଇଥିଲେ। ଏହି ସମ୍ମିଳନୀରେ ଜିଲ୍ଲା ଲୋକସମ୍ପର୍କ ଅଧିକାରୀ ଭବାନୀ ଶଙ୍କର ଭୂୟାଁ, ବରିଷ୍ଠ ବୈଜ୍ଞାନିକ ଡକ୍ଟର ରଞ୍ଜନ ମହାପାତ୍ର, ସାମ୍ବାଦିକ ପ୍ରଭାତ ବିଶୋଇ, କର୍ପୋରେଟର ସୁବ୍ରତ ଘଡ଼େଇ ଏବଂ ବହୁ ବରିଷ୍ଠ ସାମ୍ବାଦିକ ଓ ସମାଜସେବୀ ବାଲ୍ୟବିବାହ ମୁକ୍ତ ଅଭିଯାନକୁ ସଫଳ କରିବା ପାଇଁ ଐକ୍ୟବଦ୍ଧତା ପ୍ରଦାନ କରିଥିଲେ। ଉତ୍ସବର ଏକ ସ୍ୱତନ୍ତ୍ର ଆକର୍ଷଣ ଭାବେ ଓଡ଼ିଆ ଅସ୍ମିତାର ପ୍ରତୀକ "ମାଟି କଂସାରେ ପଖାଳ' ଓ ପାରମ୍ପରିକ ଖାଦ୍ୟ ପରିବେଷଣ କରାଯାଇଥିଲା। ଉତ୍କଳ ସେବକ ସମାଜର ନିର୍ଦ୍ଦେଶକ ଇଞ୍ଜିନିୟର ଅନ୍ୱୟ ଅଭିନବ ଓ ପ୍ରଶାସନିକ ଅଧିକାରୀ ମଳୟ ଷଡ଼ଙ୍ଗୀ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ବରିଷ୍ଠ ସଦସ୍ୟ ପ୍ରମୋଦ କୁମାର ଓଝା ଧନ୍ୟବାଦ ଦେଇଥିଲେ।

# ଉତ୍କଳ ଗୌରବ ମଧୁସୂଦନ ଦାସଙ୍କୁ ଭୁଲିଗଲେ ରାଜ୍ୟ ସରକାର !



କଟକ,୧୫।୪(ସମିସ): ରାଜ୍ୟ ସରକାରଙ୍କ 'ଓଡ଼ିଆ ପକ୍ଷ-୨୦୨୬' ବିଜ୍ଞାପନରେ କୁଳବୃଦ୍ଧ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ଫଟୋ ସ୍ଥାନିତ ନ ହେବା ଘଟଣାକୁ ନେଇ କଟକ ନଗର (ଜିଲ୍ଲା) କଂଗ୍ରେସ ପକ୍ଷରୁ କଡ଼ା ପ୍ରତିକ୍ରିୟା ପ୍ରକାଶ ପାଇଛି। ବୁଧବାର କଟକ ଓଏମପିସ୍ଥିତ ଡାକବଙ୍ଗଳାଠାରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ସଭାପତି ସାନ୍ତାୟନ ମିଶ୍ର ରାଜ୍ୟ ସରକାର ଓ ପ୍ରଶାସନର ଏଭଳି ହୀନମନ୍ୟତା ଉପରେ ଖୁବ୍ ବର୍ଷିଛନ୍ତି। ସଭାପତି ଶ୍ରୀ ମିଶ୍ର କହିଛନ୍ତି ଯେ ଗତ ୧୨ ତାରିଖରେ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ପ୍ରକାଶିତ 'ବନ୍ଦନୀୟ ବରପୁତ୍ର' ବିଜ୍ଞାପନରେ ଓଡ଼ିଶାର ଅନ୍ୟ ବରପୁତ୍ରମାନଙ୍କ ଫଟୋ ଥିବାବେଳେ ଓଡ଼ିଆ ଜାତିର ମୁରବୀ ମଧୁବାବୁଙ୍କୁ ବାଦ୍ ଦିଆଯିବା ଅତ୍ୟନ୍ତ ପରିତାପର ବିଷୟ। ଏଥିପାଇଁ ତୁରନ୍ତ ରାଜ୍ୟବାସୀଙ୍କୁ ନିଃସର୍ତ୍ତ କ୍ଷମା ମାଗନ୍ତୁ, ନଚେତ୍ ଆଗାମୀ ଦିନରେ ମଧୁବାବୁଙ୍କ କର୍ମଭୂମି କଟକରୁ ଏହି ଆନ୍ଦୋଳନ ସାରା ରାଜ୍ୟକୁ ବ୍ୟାପିବ ବୋଲି ସେ ଚେତାବନୀ ଦେଇଛନ୍ତି। ଏହି ସମ୍ମିଳନୀରେ ପିସିସି ମିଡିଆ ସେଲ୍ ଅଧ୍ୟକ୍ଷ ବିଶ୍ୱଜିତ୍ ମହାନ୍ତି, କର୍ପୋରେଟର ଜନାର୍ଦ୍ଦନ ପରିଡ଼ା, ବରିଷ୍ଠ ନେତା ବିଶ୍ୱଜିତ୍ ଦାସ, ପ୍ରିୟଜିତ୍ ରାୟ, ଦିଲ୍ଲୀପ ମହାନ୍ତି ଏବଂ ମାନସ ପରିଡ଼ା, ରାଜେନ୍ଦ୍ର ପଟ୍ଟନାୟକ, ବରଦା ସାହୁ, ମନୋଜ ବିଶ୍ୱାଳ, ପ୍ରଶାନ୍ତ ଭୋଇ ଏବଂ ବହୁ ଯୁବା ଓ ଛାତ୍ର ନେତା ଉପସ୍ଥିତ ଥିଲେ।

### ପ୍ରକାଶ ପାଇଲା ସିବିଏସ୍‌ଇ ଦଶମ ପରୀକ୍ଷା ଫଳ

# ପାର୍ଥ ପ୍ରୀତମ ପତି ୯୯.୬ ପ୍ରତିଶତ ରଖି କଟକ ଟପ୍ପର

### ନୂଆବଜାର ସେଣ୍ଟ ଜାଭିୟର୍ସ ସିନିୟର ସେକେଣ୍ଡାରୀ ବିଦ୍ୟାଳୟର ଶତପ୍ରତିଶତ ଫଳ






କଟକ,୧୫।୪(ସମିସ): ସବୁବର୍ଷ ଭଳି ଚଳିତ ବର୍ଷ ମଧ୍ୟ ନୂଆବଜାର ସେଣ୍ଟ ଜାଭିୟର୍ସ ସିନିୟର ସେକେଣ୍ଡାରୀ ବିଦ୍ୟାଳୟ ଶତ ପ୍ରତିଶତ ରେଜଲ୍ଟ କରିଛି। ଚଳିତ ବର୍ଷ ସିବିଏସଇ ଦଶମ ଶ୍ରେଣୀ ବୋର୍ଡ ପରୀକ୍ଷାରେ ଉକ୍ତ ବିଦ୍ୟାଳୟର ସର୍ବମୋଟ ୨୦୫ ଜଣ ପରୀକ୍ଷା ଦେଇଥିଲେ। ଏଥିରେ ପାସ୍ ହାର ଶତ ପ୍ରତିଶତ ହୋଇଥିବା ସ୍ଥଳେ ୯୫ ପ୍ରତିଶତରୁ ଊର୍ଦ୍ଧ୍ୱ ମାର୍କ ରଖି ୨୪ଜଣ, ୯୦ ପ୍ରତିଶତରୁ ଊର୍ଦ୍ଧ୍ୱ ନମ୍ବର୍ ରଖି ୫୩ ଜଣ, ୮୦ ପ୍ରତିଶତରୁ ଊର୍ଦ୍ଧ୍ୱ ନମ୍ବର ରଖି ୬୮ ଜଣ ସଫଳତାର ସହ ଉତ୍ତୀର୍ଣ୍ଣ ହୋଇଛନ୍ତି। ବିଦ୍ୟାଳୟର ପାର୍ଥ ପ୍ରୀତମ ପତି ସର୍ବୋଚ୍ଚ ୯୯.୬ ପ୍ରତିଶତ ରଖି ପ୍ରଥମ ସ୍ଥାନ ଅଧିକାର କରିଛନ୍ତି।

ସେହିପରି ଆଦ୍ୟାଶା ବିଶ୍ୱାଳ ଓ କୀର୍ତିରାଜ ପ୍ରଧାନ ୯୭.୮ ପ୍ରତିଶତ ରଖି ଯୁଗ୍ମ ଦ୍ୱିତୀୟ ସ୍ଥାନ ଅଧିକାର କରିଥିବା ବେଳେ ସୋନାକ୍ଷି ଲେଙ୍କା ୯୭.୬ ପ୍ରତିଶତ ରଖି ତୃତୀୟ ସ୍ଥାନ ଅଧିକାର କରି ବିଦ୍ୟାଳୟର ନାମକୁ ସଫଳତାର ଶୀର୍ଷକୁ ଉପନୀତ କରିଛନ୍ତି। ସେଣ୍ଟ ଜାଭିୟର୍ସ ଗ୍ରୁପର ନିର୍ଦ୍ଦେଶକ ଡ. ପ୍ରଭୁ ଚରଣ ମହାନ୍ତି, ବିଦ୍ୟାଳୟର ଅଧ୍ୟକ୍ଷ ପ୍ରଦୀପ ତ୍ରିପାଠୀ, ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଓ କର୍ମକର୍ତ୍ତାଗଣ ଉକ୍ତ ପରୀକ୍ଷା ଫଳ ପାଇଁ ଛାତ୍ରଛାତ୍ରୀଙ୍କୁ ଶୁଭେଚ୍ଛା ଦେବା ସହ ଅଭିଭାବକଙ୍କୁ ସେମାନଙ୍କ ସହଯୋଗ ପାଇଁ ଧନ୍ୟବାଦ ଅର୍ପଣ କରିଛନ୍ତି। ବିଶେଷ କରି ବିଦ୍ୟାଳୟରେ ଶୈକ୍ଷିକ ପରିବେଶ ସେମାନଙ୍କୁ ଏହି ସଫଳତା ହାସଲ ପାଇଁ ସୁଯୋଗ ଦେଇଥିଲା ବୋଲି ଉତ୍ତୀର୍ଣ୍ଣ ବିଦ୍ୟାର୍ଥୀମାନେ କହିଛନ୍ତି।

## ମଡର୍ଣ୍ଣ ପବ୍ଲିକ୍ ସ୍କୁଲ

ଦଶମ ପରୀକ୍ଷାରେ ମଡର୍ଣ୍ଣ ପବ୍ଲିକ ସ୍କୁଲର ୬୫ ଜଣ ଛାତ୍ରଛାତ୍ରୀଙ୍କ ମଧ୍ୟରୁ ୬୩ଜଣ କୃତକାର୍ଯ୍ୟ ହୋଇଛନ୍ତି। ଶିବମ କର୍ମକାର ୯୫ ପ୍ରତିଶତ ନମ୍ବର ରଖି ବିଦ୍ୟାଳୟର ପ୍ରଥମ ସ୍ଥାନ ଅଧିକାର କରିଥିବାବେଳେ, ଅଭୟ କୁମାର ସାହୁ ୯୩.୪ ପ୍ରତିଶତ ରଖି ଦ୍ୱିତୀୟ ଏବଂ ରାଜକୁମାର ଗିରି ୯୨.୨ ପ୍ରତିଶତରେ ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ୫ଜଣ ଛାତ୍ରଛାତ୍ରୀ ୯୦ ପ୍ରତିଶତରୁ ଅଧିକ, ୧୩ ଜଣ ୮୦ ପ୍ରତିଶତରୁ ଅଧିକ ଏବଂ ୪୬ ଜଣ ଛାତ୍ରଛାତ୍ରୀ ୬୦ପ୍ରତିଶତରୁ ଅଧିକ ନମ୍ବର ରଖି ପାସ୍ କରିଛନ୍ତି। ଛାତ୍ରଛାତ୍ରୀଙ୍କ ଏହି ସଫଳତା ପାଇଁ ସ୍କୁଲ ପରିଚାଳନା କମିଟି ଓ ଶିକ୍ଷକ ଶିକ୍ଷୟିତ୍ରୀମାନେ ଅଭିନନ୍ଦନ ଜଣାଇଛନ୍ତି।

## ଏଲ୍‌ଆର୍ ଡିଏଭି ପବ୍ଲିକ୍ ସ୍କୁଲ

ଲଜପତ୍ ରାୟ (ଏଲଆର) ଡିଏଭି ପବ୍ଲିକ ସ୍କୁଲରେ ଦଶମ ପରୀକ୍ଷାରେ ୧୮୪ ଜଣ ପରୀକ୍ଷା ଦେଇଥିବାବେଳେ ଶତ ପ୍ରତିଶତ ପାସ୍ ହାର ରହିଛି। ୮ଜଣ ଛାତ୍ରଛାତ୍ରୀ ୯୮ ପ୍ରତିଶତରୁ ଅଧିକ ନମ୍ବର ରଖିପାରିଛନ୍ତି। ୫୭ ଜଣ ୯୦ ପ୍ରତିଶତରୁ ଅଧିକ, ୩୧ ଜଣ ୯୫ ପ୍ରତିଶତରୁ ଅଧିକ, ୧୧୨ ଜଣ ୮୦ ପ୍ରତିଶତ ଏବଂ ୧୬୮ ଜଣ ୬୦ ପ୍ରତିଶତରୁ ଅଧିକ ନମ୍ବର ରଖି କୃତକାର୍ଯ୍ୟ ହୋଇଛନ୍ତି। ବର୍ଷା ପ୍ରିୟଦର୍ଶିନୀ ଏବଂ ସାନ୍ ସାହିଲ ଦାସ ୯୮.୬ ପ୍ରତିଶତ ନମ୍ବର ରଖି ବିଦ୍ୟାଳୟରେ ଯୁଗ୍ମ ଟପ୍ପର ହୋଇଛନ୍ତି। ସେହିଭଳି ଜ୍ଞାନଜ୍ୟୋତି ସିଂହ ଓ ପ୍ରତ୍ୟାଶା ମହାନ୍ତି ୯୮.୪ ଲେଖାଏଁ ନମ୍ବରରେ ଯୁଗ୍ମ ଦ୍ୱିତୀୟ ହୋଇଥିବାବେଳେ କୌସ୍ତୁଭ ଶାସମଲ, ସ୍ୱଙ୍ଗଶୁ ଶ୍ରୀୟାନ ନାୟକ ଓ ଶ୍ରୀୟା ପଣ୍ଡା ୯୮.୨ ପ୍ରତିଶତ ନମ୍ବର ରଖି ଯୁଗ୍ମ ତୃତୀୟ ହୋଇଛନ୍ତି।

## କେନ୍ଦ୍ରୀୟ ବିଦ୍ୟାଳୟ-୨

ନୂଆପଡ଼ାସ୍ଥିତ କେନ୍ଦ୍ରୀୟ ବିଦ୍ୟାଳୟ-୨ରେ ଶତ ପ୍ରତିଶତ ଫଳ ହୋଇଛି। ମୋଟ ୫୧ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିବାବେଳେ ସମସ୍ତେ କୃତକାର୍ଯ୍ୟ ହୋଇଛନ୍ତି। ଅର୍ଣ୍ଣବ ଅରିଜିତ୍ ନାୟକ ୯୮ ପ୍ରତିଶତ ନମ୍ବର ରଖି ବିଦ୍ୟାଳୟରେ ଟପ୍ପର ହୋଇଛି। ଅଧ୍ୟକ୍ଷ ସୁଶାନ୍ତ କୁମାର ସେଠୀ କୃତୀ ଛାତ୍ରଛାତ୍ରୀଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

## ବିଭିନ୍ନ ସ୍ଥାନରେ ଝାମୁ ଯାତ୍ରା



**ବଡମ୍ବା,୧୫।୪(ସମିସ):** ବଡମ୍ବା ବ୍ଲକର ବିଭିନ୍ନ ସ୍ଥାନରେ ଓଡ଼ିଆ ନବବର୍ଷ ତଥା ପଣାସଂକ୍ରାନ୍ତି ଅବସରରେ ବଡମ୍ବା ବ୍ଲକର ବିଭିନ୍ନ ଦେବୀ ମନ୍ଦିରଗୁଡିକରେ ଝାମୁଯାତ୍ରା ଅନୁଷ୍ଠିତ ହୋଇଯାଇଛି। ରତାପାଟ ଗ୍ରାମର ମଙ୍ଗଳା ମା'ଙ୍କ ଝାମୁ ଯାତ୍ରା ସହିତ ବେଲିଆପାଳ ଗ୍ରାମରେ ମା' ଦକ୍ଷିଣ କାଳୀ, ମୁଗଗହୀର ଗ୍ରାମର ମା ଦକ୍ଷିଣକାଳୀ ଓ ମା ମଙ୍ଗଳାଙ୍କ ଝାମୁ ଯାତ୍ରା ରାତ୍ର ସମୟରେ ଅନୁଷ୍ଠିତ ହୋଇଯାଇଛି। ପୀଠଗୁଡ଼ିକରେ ପୂଜା ବିଧି ନୀତି ପରେ ବିଳମ୍ବିତ ରାତିରେ କାଳେସୀମାନେ ଝାମୁ ଚାଲିଥିବା ବେଳେ ଗୋପୀନାଥପୁର ଗ୍ରାମର ମଙ୍ଗଳା ମା'ଙ୍କ ପୀଠ ଓ କରଡ଼ିବନ୍ଧ ଗ୍ରାମର ଝାମୁ ଯାତ୍ରା ଅନୁଷ୍ଠିତ ହୋଇଛି।

## ଲାଲବାବା ପୀଠରେ ଶ୍ରୀରାମ ଚରିତ ମାନସ

**ନିଶ୍ଚିନ୍ତକୋଇଲି,୧୫।୪(ସମିସ):** ନିଶ୍ଚିନ୍ତକୋଇଲି ବ୍ଲକ ଅସୁରେଶ୍ୱର ପଞ୍ଚାୟତସ୍ଥିତ କୁଳଗାଁ ଇସାଳୋ ହନୁମାନଗଡାଠାରେ ଥିବା ଲାଲବାବା ପୀଠରେ ଉନତ୍ରିଂଶତମ ବାର୍ଷିକ ଶ୍ରୀ ହନୁମତ ପଞ୍ଚକୁଣ୍ଡୀୟ ଯଜ୍ଞ ଓ ଶ୍ରୀରାମଚରିତ ମାନସ, ନବାହ୍ନ ପାରାୟଣ ଓ ପ୍ରବଚନ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ପବିତ୍ର ଲୁଣାନଦୀ ମା'ମଙ୍ଗଳା ଘାଟରୁ ପୂଜାର୍ଚ୍ଚନା କରାଯାଇ ଜଳଉତ୍ତୋଳନ ପୂର୍ବକ କଳସଯାତ୍ରାରେ ଭକ୍ତମାନେ ଆସି ଯଜ୍ଞ ମଣ୍ଡପରେ ସ୍ଥାପନ କରିଥିଲେ। ପଣ୍ଡିତ ନିରଞ୍ଜନ ଶତପଥି ଓ ତାଙ୍କ ସହଯୋଗୀଙ୍କ ଦ୍ୱାରା ଯଜ୍ଞ କାର୍ଯ୍ୟକ୍ରମ କରାଯାଉଥିଲା ବେଳେ ଏଥିରେ କର୍ତ୍ତା ଭାବେ ଶିବପ୍ରସାଦ ପଣ୍ଡା ଏବଂ ତାଙ୍କ ଧର୍ମପତ୍ନୀ ଜ୍ୟୋତ୍ସ୍ନାରାଣୀ ପଣ୍ଡା କାର୍ଯ୍ୟ ତୁଲାଉଛନ୍ତି। ପ୍ରତ୍ୟେହ ସୂର୍ଯ୍ୟପୂଜା, ଗୋପୂଜା, ଯଜ୍ଞାହୁତି କାର୍ଯ୍ୟକ୍ରମ କରାଯାଉଥିଲା ବେଳେ ତୁଳସୀ ବ୍ୟାସ ଭାବେ ମହାମଣ୍ଡଳେଶ୍ୱର ଶ୍ରୀ ମହନ୍ତ ଗଙ୍ଗାରାମ ଦାସଜୀ ମହାରାଜ ଶ୍ରୀରାମ ଚରିତମାନସ ପାଠ କରୁଛନ୍ତି। ପ୍ରତ୍ୟେହ ସଂଧ୍ୟାରେ ପ୍ରବଚକ ପଣ୍ଡିତ ନିରଞ୍ଜନ ମିଶ୍ର, ସୂର୍ଯ୍ୟକାନ୍ତ ରଥ, ଅଯୋଧ୍ୟା ଦାଶ ମହାରାଜ, ଅସିତ ଜେନା, କମଳଲୋଚନ ଦାଶ ମହାରାଜ ରାମାୟଣର ବିଭିନ୍ନ ଶୀର୍ଷକରେ ପ୍ରବଚନ ପ୍ରଦାନ କରୁଛନ୍ତି। କାର୍ଯ୍ୟକ୍ରମରେ ବହୁ ସଂଖ୍ୟାରେ ଭକ୍ତମାନେ ଯୋଗଦେଇ ପ୍ରବଚନ ଶୁଣୁଛନ୍ତି। ମହାବୀର ମନ୍ଦିର ପରିଚାଳନା କମିଟିର ସଭାପତି, ସଂପାଦକ ସମେତ ସମସ୍ତ କର୍ମକର୍ତ୍ତା କାର୍ଯ୍ୟକ୍ରମ ପରିଚାଳନା କରୁଥିଲା ବେଳେ ସ୍ଥାନୀୟ ଜନସାଧାରଣ ସହଯୋଗ କରୁଛନ୍ତି।

## ପଞ୍ଜାବ ନ୍ୟାସନାଲ ବ୍ୟାଙ୍କର ପ୍ରତିଷ୍ଠା ଉତ୍ସବ




**ନିଶ୍ଚିନ୍ତକୋଇଲି,୧୫।୪(ସମିସ):** ନିଶ୍ଚିନ୍ତକୋଇଲି ବ୍ଲକ ଅଧୀନ କଟକ-ଚାନ୍ଦବାଲି ରାସ୍ତା ପାଶ୍ୱର୍ ପାଟପୁରଠାରେ ଥିବା ପଞ୍ଜାବ ନ୍ୟାସନାଲ ବ୍ୟାଙ୍କ ପାଇକରାପୁର ଶାଖାରେ ପିଏନ୍‌ବିର ୧୩୨ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଛି। ଶାଖା ପରିଚାଳକ ବିଶ୍ୱରଞ୍ଜନ ଭଦ୍ରଙ୍କ ପୌରହିତ୍ୟରେ ଏହି କାର୍ଯ୍ୟକ୍ରମରେ ଡେପୁଟି ମ୍ୟାନେଜର ଶ୍ରୀତମ ରଥ, ଶୁଭଲକ୍ଷ୍ମୀ ଦାସ, କ୍ରେଡିଟ ଅଫିସର ରାଜୀବ ରାୟ, ଏଗ୍ରିକଲଚର ଅଫିସର ସୁମନ ପଣ୍ଡା, ଚିନ୍ମୟ ବିଶ୍ୱାଳ, ହିମାଂଶୁ ଶେଖର ପୃଷ୍ଟି, ମିହିର ମିଶ୍ର, ସଚ୍ଚିଦାନନ୍ଦ ପଣ୍ଡା ପ୍ରମୁଖ ୧୮ ୯୫ରେ ଆରମ୍ଭ ହୋଇଥିବା ଏହି ବ୍ୟାଙ୍କଟି ଏବେ ଭାରତର ଏକ ବଡ ସ୍ୱଦେଶୀ ବ୍ୟାଙ୍କ ଭାବେ ପରିଚିତି ଲାଭ କରିଛି ଏବଂ ଉକ୍ତ ବ୍ୟାଙ୍କଟି ଭାରତୀୟମାନଙ୍କ ପାଇଁ ଭାରତୀୟଙ୍କ ଦ୍ୱାରା ଏବଂ ଭାରତୀୟଙ୍କ ହିତରେ କାର୍ଯ୍ୟକରି ଆର୍ଥିକ ମାନଦଣ୍ଡ ବଢାଇବାରେ ବେଶ୍ ସହାୟକ ହୋଇଛି ବୋଲି ଆଲୋଚନା କରିଥିଲେ।

# ଜବରଦଖଲରେ ୮ ନଂ କେନାଲ ବନ୍ଧ ରାସ୍ତା

### ରାସ୍ତା ପ୍ରଶସ୍ତୀକରଣ ବାଧାପ୍ରାପ୍ତ
### ପାର୍ଶ୍ୱରେ ମାଛ-ମାଂସ ଦୋକାନ; ନୋଟିସ ସତ୍ତ୍ୱେ ହଟୁନାହାନ୍ତି
### ବ୍ୟତିବ୍ୟସ୍ତ କରୁଛି ସୀମା ପାର୍ ଟ୍ରାଫିକ୍ ଜାମ୍ ଓ ଦୁର୍ଗନ୍ଧ



**ନିଶ୍ଚିନ୍ତକୋଇଲି, ୧୫।୪(ସମିସ):** କଟକ-ଚାନ୍ଦବାଲି ରାସ୍ତାକୁ ନିଶ୍ଚିନ୍ତକୋଇଲି ବଜାରଠାରେ ସଂଯୋଗ କରୁଥିବା ଗୁରୁତ୍ୱପୂର୍ଣ୍ଣ ୮ ନଂ କେନାଲ ବନ୍ଧ ରାସ୍ତାରେ ଏବେ ଜବରଦଖଲକାରୀଙ୍କ ପ୍ରାଦୁର୍ଭାବ ବୃଦ୍ଧି ପାଇଛି। ରାସ୍ତାର ଉନ୍ନତିକରଣ ଓ ପ୍ରଶସ୍ତୀକରଣ କାର୍ଯ୍ୟ ଜାରି ରହିଥିଲେ ହେଁ, ଦୁଇ ପାଶ୍ୱର୍ରେ ଥିବା ଜବରଦଖଲକାରୀମାନେ ନିଜର ଘର ଓ ଦୋକାନ ସମ୍ପୂର୍ଣ୍ଣ ହଟାଉ ନ ଥିବାରୁ ନିର୍ମାଣ କାର୍ଯ୍ୟରେ ଗୁରୁତର ସମସ୍ୟା ଦେଖାଦେଇଛି। ସ୍ଥାନୀୟ ତହସିଲ ପକ୍ଷରୁ ନୋଟିସ ଜାରି ହୋଇଥିଲେ ସୁଦ୍ଧା ଅଧିକାଂଶ ଲୋକ ଆଂଶିକ ଭଙ୍ଗାଭଙ୍ଗି କରି ପୁନର୍ବାର ସରକାରୀ ଜାଗା ମାଡ଼ି ବସିଥିବା ଦେଖାଯାଇଛି। ନିଶ୍ଚିନ୍ତକୋଇଲି ବଜାର କେନାଲ ପୋଲ ନିକଟରେ ରାସ୍ତା କଡ଼ରେ ଅନେକ ମାଛ ଓ ଛେଳି ମାଂସ ଦୋକାନ ଗଢ଼ି ଉଠିଛି। ଏହି ଦୋକାନଗୁଡ଼ିକରୁ ନିର୍ଗତ ଅପରିତ୍ୟକ୍ତ ଦ୍ରବ୍ୟ ଯୋଗୁଁ ଭୀଷଣ ଦୁର୍ଗନ୍ଧ ହେବା ସହ ପରିବେଶ ଦୂଷିତ ହେଉଛି। ମାଛ ଗାଡ଼ିଗୁଡ଼ିକ ରାସ୍ତା ଉପରେ ଦୀର୍ଘ ସମୟ ଛିଡ଼ା ହୋଇ ରହୁଥିବାରୁ ଯାତାୟାତରେ ବାଧା ସୃଷ୍ଟି ହେଉଛି ଏବଂ ସବୁବେଳେ ଟ୍ରାଫିକ୍ ସମସ୍ୟା ଉପୁଜୁଛି। ଯଥାଶୀଘ୍ର ଏହି ମାଛ ମାଂସ ଦୋକାନଗୁଡ଼ିକୁ ସ୍ଥାନାନ୍ତର ନ କଲେ ଏଠାରେ ଗମନାଗମନ ସମ୍ପୂର୍ଣ୍ଣ ଠପ୍ ହୋଇଯିବାର ଆଶଙ୍କା ରହିଛି।

ସୂଚନାଯୋଗ୍ୟ ଯେ ପୂର୍ବରୁ ୮ ନଂ କେନାଲ ବନ୍ଧର ବୁହାଳଠାରୁ ଡିହୀଗୋପ ପର୍ଯ୍ୟନ୍ତ ୯ କିମି ବ୍ୟାପୀ ଏକ ୧୨ ଫୁଟ ବିଶିଷ୍ଟ ପିଚୁ ରାସ୍ତା ନିର୍ମିତ ହୋଇଥିଲା। ବର୍ତ୍ତମାନ ବିଧାୟକ ଶାରଦା ପ୍ରସାଦ ପ୍ରଧାନଙ୍କ ଉଦ୍ୟମରେ ଏହି ରାସ୍ତାକୁ ୧୮ ଫୁଟକୁ ପ୍ରଶସ୍ତ କରିବା ପାଇଁ ଉନ୍ନତିକରଣ କାର୍ଯ୍ୟ ଆରମ୍ଭ ହୋଇଛି। ପଞ୍ଚୁପାଣ୍ଡବ ଓ ନରେନ୍ଦ୍ରପୁର ଯିବା ପାଇଁ ଏହା ଏକ ପ୍ରମୁଖ ବାଇପାସ୍ ରାସ୍ତା ହୋଇଥିବାରୁ ଏହାର ଗୁରୁତ୍ୱ ବେଶି। ମାତ୍ର ବଜାର ନିକଟରେ ଦୋକାନୀମାନେ ରାସ୍ତା ଉପରେ ଜିନିଷପତ୍ର ରଖି ବିକ୍ରି କରୁଥିବାରୁ ରାସ୍ତାକୁ ଓସାରିଆ କରିବା ସମ୍ଭବ ହେଉନାହିଁ। ସାଧାରଣ ଲୋକଙ୍କ ସୁବିଧାକୁ ଦୃଷ୍ଟିରେ ରଖି ତୁରନ୍ତ ଏହି ଜବରଦଖଲ ଉଚ୍ଛେଦ କରିବାକୁ ଜନସାଧାରଣରେ ମତ ପ୍ରକାଶ ପାଇଛି। ତହସିଲଦାର ଏହି ମାମଲାରେ ସିଧାସଳଖ ହସ୍ତକ୍ଷେପ କରି ଜବରଦଖଲକାରୀଙ୍କୁ ସମ୍ପୂର୍ଣ୍ଣ ହଟାଇବା ସହିତ ରାସ୍ତା ନିର୍ମାଣ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ପାଇଁ ଅଭିଭାବକ ଓ ଗ୍ରାମବାସୀ ମହଲରେ ଦାବି ହୋଇଛି।

## ଅମୃତ ପିଢ଼ି ସାରସ୍ୱତ ସମାରୋହ




**ନିଶ୍ଚିନ୍ତକୋଇଲି,୧୫।୪(ସମିସ):** ନିଶ୍ଚିନ୍ତକୋଇଲି ପଞ୍ଚାୟତ ପ୍ରହଲ୍ଲାଦ ମହାବିଦ୍ୟାଳୟରେ ଓଡିଆ ପକ୍ଷ ପାଳନର ଏକାଦଶତମ ଦିବସ ଅବସରରେ ନୂତନ ପିଢିଙ୍କ ମଧ୍ୟରେ ଭାଷା, ସାହିତ୍ୟ ଓ ସଂସ୍କୃତି ପ୍ରତି ସଚେତନତା ବୃଦ୍ଧି ପାଇଁ ଅମୃତ ପିଢୀ ସାରସ୍ୱତ ସମାରୋହ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ମହାବିଦ୍ୟାଳୟର ଅଧକ୍ଷା ପ୍ରଫେସର ଡ. ତରୁଲତା ଦେବୀଙ୍କ ସଭାପତିତ୍ୱରେ ଓଡିଆ ଭାଷା ସାହିତ୍ୟର ଅତୀତ ବର୍ତ୍ତମାନ ଓ ଭବିଷ୍ୟତ ସଂପର୍କରେ ଏକ ଆଲୋଚନାଚକ୍ର କରାଯାଇଛି। କାର୍ଯ୍ୟକ୍ରମରେ ବର୍ଷିୟାନ ଶିଶୁ ସାହିତ୍ୟିକ ଶଶିଭୂଷଣ ମିଶ୍ର, ପ୍ରବାଚକ ଶରତଚନ୍ଦ୍ର ମିଶ୍ର, ଉର୍ବୀ ପତ୍ରିକାର ସଂପାଦକ ଶ୍ରୀଧର ଶେଖର ମହାପାତ୍ର, ସାଲେପୁର ସାରସ୍ୱତ ସମାରୋହର ସଭାପତି ଅକ୍ଷୟ ଦାଶ, ଗବେଷକ ଏକାଦଶୀ ପ୍ରଧାନ, ଅବସରପ୍ରାପ୍ତ ପ୍ରାଧ୍ୟାପକ ଡ. ନିଖିଳେଶ ମହାନ୍ତି, ବିପିନ୍ ବିହାରୀ କର, ସାରସ୍ୱତ ସାଧକ ଶାରଦା ପ୍ରସାଦ ମିଶ୍ର, କବି ସଚ୍ଚିଦାନନ୍ଦ ମିଶ୍ର, ପ୍ରଫୁଲ୍ଲ ସିଂ, ସାହିତ୍ୟିକ ବିଷ୍ଣୁ ଚରଣ ମିଶ୍ର, ପରିବେଶବିତ୍ ପ୍ରମୋଦ ଦାଶ, ବିଜୟ କୁଅଁର, ସୁଶାନ୍ତ ନାୟକ, ପ୍ରମୋଦ ନାୟକ, ବିଦ୍ୟୁତଲତା ପ୍ରଧାନ, ରାବେୟା ସରୱାର, ସୟଦ ଆଲେନବି, ସବିତା ଶତପଥି, ପ୍ରସନ୍ନ ଦାସ, ଅଧ୍ୟାପକ ପ୍ରଶାନ୍ତ ପଣ୍ଡା, ପ୍ରବୀର ଦାସ ମୂଲ୍ୟବାନ ପରାମର୍ଶ ଦେଇଥିଲେ। ଅଧ୍ୟାପକ ଡ. ଅଲେଖଚନ୍ଦ୍ର ସାମଲ ଅତିଥିଙ୍କ ପରିଚୟ ପ୍ରଦାନ କରିଥିଲା ବେଳେ କଲେଜର ପ୍ରଶାସନିକ ଅଧିକାରୀ ଅଧ୍ୟାପକ ଡ. ପଦ୍ମଲୋଚନ ରାଉତ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ। ଓଡିଆ ଭାଷା ସାହିତ୍ୟ ବିଭାଗ ମୁଖ୍ୟ ଅଧ୍ୟାପକ ଡ. ଦେବଯାନୀ ସିହ୍ନା ଧନ୍ୟବାଦ ଦେଇଥିଲେ।

## ଦମକଳ କେନ୍ଦ୍ରରେ ଛାତ୍ରଛାତ୍ରୀଙ୍କୁ ତାଲିମ୍



**ନରସିଂହପୁର,୧୫।୪(ସମିସ):** ପିଏମଶ୍ରୀ ସରକାରୀ ଉଚ୍ଚବିଦ୍ୟାଳୟ ପରିସରରେ ପ୍ରଥମରୁ ଦଶମ ଶ୍ରେଣୀ ଛାତ୍ରଛାତ୍ରୀଙ୍କୁ ଜାଳେଣୀ ଗ୍ୟାସର ବ୍ୟବହାର ତଥା ସିଲିଣ୍ଡରରୁ ଦୁର୍ଘଟଣାଜନିତ ବିପଦରୁ ମୁକ୍ତି ନେଇ ଏକ ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନଶିକ୍ଷକ ଆଲୋକ ସାହୁଙ୍କ ପୌରହିତ୍ୟରେ ଆୟୋଜିତ ଏହି ତାଲିମ ଶିବିରରେ ଅଗ୍ନିଶମ ବାହିନୀ କର୍ମଚାରୀ ସମର କେଶରୀ ରାଉଳ, ଅରୁଣ ବେହେରା, ସନ୍ତୋଷ ପ୍ରଧାନ ପ୍ରମୁଖ ଛାତ୍ରଛାତ୍ରୀଙ୍କୁ ତାଲିମ ପ୍ରଦାନ କରିଥିଲେ।

## ଗଙ୍ଗେଶ୍ୱର ମହାଦେବଙ୍କ ପୀଠରେ ପାଟୁଆ ଯାତ୍ରା



**ସାଲେପୁର,୧୫।୪(ସମିସ):** ଚଳିତ ବର୍ଷ ମହାଦେବ ଗଙ୍ଗେଶ୍ୱରଙ୍କ ପୀଠରେ ଝାମୁଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଭୋର ସମୟରୁ ପ୍ରଭୁଙ୍କ ବଡ଼ ସ୍ନାନ କରାଯାଇ ସ୍ୱତନ୍ତ୍ର ରୀତିନୀତିରେ ପୂଜାର୍ଚ୍ଚନା କରାଯାଇଥିଲା। ପ୍ରଭୁ ଗଙ୍ଗେଶ୍ୱର ମହାଦେବଙ୍କ ରାଜା ରାଜେଶ୍ୱରୀ ବେଶ ଅନୁଷ୍ଠିତ ହୋଇଥିଲା। ଗଙ୍ଗେଶ୍ୱର ମହାଦେବଙ୍କ ଉପରେ ଆସ୍ଥା ପ୍ରକଟ କରି ନିଜର ମନସ୍କାମନା ପୂର୍ଣ୍ଣ ଉଦ୍ଦେଶ୍ୟରେ ଝାମୁ ଜାଳି ଦେବାଧିଦେବ ମହାଦେବଙ୍କ କୃପା ଲାଭ କରିଥିଲେ। ଅପରପକ୍ଷରେ ଗଙ୍ଗେଶ୍ୱର ପୀଠରେ ଶହ ଶହ ସଂଖ୍ୟକ ପାଟୁଆ ପ୍ରବଳ ରୌଦ୍ରତାପ ସତ୍ତ୍ୱେ ହାତରେ ବେତ ଧରି ପାଟୁଆ ନୃତ୍ୟ ପରିବେଷଣ କରିଥିଲେ। ଶ୍ରଦ୍ଧାଳୁମାନେ ମାନସିକ ପୂରଣ ହେବା ପରେ ଏଠାରେ ପାଟୁଆ ବେଶ ଧାରଣ କରିଥାନ୍ତି। ଖଣ୍ଡା ପାଟୁଆ, କଣ୍ଟା ପାଟୁଆ, ବେତ ପାଟୁଆ ଆଦି ପାଟୁଆମାନଙ୍କୁ ଦେଖିବାକୁ ମିଳିଥିଲା। ମହାବିଷୁବ ପଣା ସଂକ୍ରାନ୍ତି ଅବସରରେ ପାଟୁଆଙ୍କ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ଗଙ୍ଗେଶ୍ୱର ମହାଦେବଙ୍କ ପୀଠରେ ଶହ ଶହ ସଂଖ୍ୟକ ଶ୍ରଦ୍ଧାଳୁଙ୍କ ଭିଡ଼ ପରିଲକ୍ଷିତ ହୋଇଥିଲା।

## ବ୍ରାହ୍ମଣ ସମାଜର ନୂତନ କର୍ମକର୍ତ୍ତା ଚୟନ



**ଆଠଗଡ,୧୫।୪(ସମିସ):** ପବିତ୍ର ମହାବିଷୁବ ସଂକ୍ରାନ୍ତି, ଓଡିଆ ନବବର୍ଷ ତଥା ନୂତନ ପଞ୍ଜିକା ଶୁଭାରମ୍ଭ ଅବସରରେ ଆଠଗଡ ଗଡ଼ଜାତର ସର୍ବ ପୁରାତନ ରାଧାନାଥପୁର ଶାସନ ବ୍ରାହ୍ମଣ ସମାଜର ବାର୍ଷିକ ଅଧିବେଶନ ଓ କର୍ମକର୍ତ୍ତା ନିର୍ବାଚନ କାଶୀ ବିଶ୍ୱନାଥ ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି। ବରିଷ୍ଠ ଆଇନଜୀବୀ ଫଣୀଭୂଷଣ ରଥ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମନ୍ଦିରର ତତ୍ତ୍ୱବଧାରକ ତୀର୍ଥବାସୀ ରଣା ଶ୍ରୀଜୀଉଙ୍କର ସଂଧ୍ୟା ନୀତି ସମାପନ କରିବା ପରେ ସଭ୍ୟଙ୍କୁ ଚନ୍ଦନ ଲାଗି କରିଥିଲେ। ପ୍ରାରମ୍ଭରେ ସମ୍ପାଦକ ଜଗଦାନନ୍ଦ ତ୍ରିପାଠୀ ଆୟବ୍ୟୟ ବିବରଣୀ ଆଦି ପାଠ କରିଥିଲେ। ପରେ ଆଗାମୀ ବର୍ଷ ପାଇଁ କାର୍ଯ୍ୟକର୍ତ୍ତା ଚୟନ କରାଯାଇଥିଲା। ଚଳିତ ବର୍ଷ ପାଇଁ ସୁଧିର କୁମାର ଦାଶ ସଭାପତି, ମୃତ୍ୟୁଞ୍ଜୟ ଶତପଥୀ ଉପସଭାପତି, ସତ୍ୟପ୍ରସାଦ ରଥ ସମ୍ପାଦକ, ମିହିର ତ୍ରିପାଠୀ କୋଷାଧ୍ୟକ୍ଷ ଭାବେ ଚୟନ ହୋଇଥିଲେ। ନୂତନ କାର୍ଯ୍ୟକର୍ତ୍ତାଙ୍କୁ ଫୁଲମାଳ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମରେ ବରିଷ୍ଠ ସଭ୍ୟ ପ୍ରେମାନନ୍ଦ ଦାଶ, ନୃସିଂହ ମହାପାତ୍ର, ଅକ୍ଷୟ ମିଶ୍ର, ଉଦୟନାଥ ଶତପଥୀ, ମୃତ୍ୟୁଞ୍ଜୟ ମହାପାତ୍ର, ଅଶୋକ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

## ଡ୍ରିମ୍ସରେ ବିଷୁବ ମିଳନ ଓ ହନୁମାନ ଜୟନ୍ତୀ



**କଟକ,୧୫।୪(ସମିସ):** ଡ୍ରିମ୍ସ ବିଶ୍ୱବିଦ୍ୟାଳୟ ପକ୍ଷରୁ ବିଷୁବ ମିଳନ ଓ ମହାବୀର ହନୁମାନ ଜୟନ୍ତୀ ପାଳିତ ହୋଇଥିଲା। ବିଶ୍ୱବିଦ୍ୟାଳୟ ପରିସରରେ ଥିବା ଶ୍ରୀ ସଂକଟମୋଚନଙ୍କ ମନ୍ଦିରରେ ଠାକୁରଙ୍କ ସ୍ୱତନ୍ତ୍ର ନୀତିକାନ୍ତି, ଦିବ୍ୟ ବେଶ, ଚାଳିଶା ପାରାୟଣ ସହ ହୋମ ଯଜ୍ଞ ଆୟୋଜିତ ହୋଇଥିଲା। ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠାତା ଅଧ୍ୟକ୍ଷ ଡ. ପ୍ରମୋଦ ଚନ୍ଦ୍ର ରଥ, ପ୍ରଶାସନିକ ନିର୍ଦ୍ଦେଶକ ବଳରାମ କର, ନିର୍ଦ୍ଦେଶକ ପ୍ରଦୀପ୍ତଚନ୍ଦ୍ର ରଥ, ନିୟମିତା ରଥ, ପ୍ରଫେସର ଡା. ଶିଶୁଶଙ୍କର ମିଶ୍ର, ନିର୍ଦ୍ଦେଶକ ଲୋକନାଥ ବେହେରା, ପ୍ରଶାସନିକ ଅଧିକାରୀ ଆଶୁତୋଷ ଦ୍ୱିବେଦୀ, ସଚିବ ସୁଧାଂଶୁ ଭୂଷଣ କର, ବିଶ୍ୱକଲ୍ୟାଣ ଦାସ, କୈଳାସ ଚନ୍ଦ୍ର ସାହାଣି, ଦିବ୍ୟଜ୍ୟୋତି ପାଣି, ପ୍ରଦୀପ ଷଡଙ୍ଗୀ, ଜିତେନ୍ଦ୍ର ବେହେରା, ସାରଦା ପଣ୍ଡା, ସଂପର୍କ ଅଧିକାରୀ ନିରାକାର ସାହୁଙ୍କ ସମେତ ଅଧ୍ୟାପକ, ଅଧ୍ୟାପିକା, ଛାତ୍ରଛାତ୍ରୀ ଓ କର୍ମଚାରୀ ପୁଷ୍ପାଞ୍ଜଳି ଅର୍ପଣ କରିଥିଲେ।

## ବିଜେପି ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଅରିନ୍ଦମଙ୍କୁ ସମ୍ବର୍ଦ୍ଧନା



**ସାଲେପୁର,୧୫।୪(ସମିସ):** ନୂତନ ଭାବେ ରାଜ୍ୟ ବିଜେପି ସଂଗଠନରେ ସ୍ୱତନ୍ତ୍ର ସ୍ଥାନ ହାସଲ କରିଥିବା ସାଲେପୁର ବିଜେପି ନେତା ଅରିନ୍ଦମ ରାୟ ଓ ସାଲେପୁର ବିଜେପିର ପିତାମହ କୁଞ୍ଜମୋହନ ସେଠୀଙ୍କୁ ସାଲେପୁର ବିଜେପି ପକ୍ଷରୁ ବ୍ୟାପକ ସ୍ୱାଗତ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ସାଲେପୁର କେଶବ ମଣ୍ଡପଠାରେ ଅନୁଷ୍ଠିତ ଉତ୍ସବରେ ରାଜ୍ୟ ବିଜେପି କୃଷକ ମୋର୍ଚ୍ଚା ଉପସଭାପତି ସତ୍ୟବାଦୀ ଚଇନିଙ୍କ ସଭାପତିତ୍ୱରେ ଟାଙ୍ଗୀ-ସାଲେପୁର ବ୍ଲକ୍‌ର ବହୁ ବିଜେପି କର୍ମୀ ଓ ବିଭିନ୍ନ ଅନୁଷ୍ଠାନ ସାମିଲ ହୋଇଥିଲେ। ସାଲେପୁର ବ୍ଲକ୍‌ର ଚନ୍ଦ୍ରାଦେଇପୁର ସରପଞ୍ଚ ରଶ୍ମିତା ଦାସ, ବାଲିସାହି ପଞ୍ଚାୟତ ବାରିଗୋଳ ପଞ୍ଚାୟତ, ଛାଣିପୁର ପଞ୍ଚାୟତ, ପିକୋଳ, ରାମେଶ୍ୱର, ଭୀମଦାସପୁର, ଗୋପୀନାଥପୁର, ନାଦୋଳ ଓ ଦ୍ୱୀପାଞ୍ଚଳର ୪ଟି ପଞ୍ଚାୟତ ସମେତ ୩୫ଟି ପଞ୍ଚାୟତର ବିଜେପି ସଂଗଠନ ପକ୍ଷରୁ ଶ୍ରୀ ରାୟଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ସେହିପରି ଟାଙ୍ଗୀ ବ୍ଲକ୍‌ରେ ଶ୍ରୀ ରାୟ ଓ ଶ୍ରୀ ସେଠୀଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ସାଲେପୁରର ଅବସରପ୍ରାପ୍ତ ସୈନିକ ସଂଗଠନ, ମହିଳା ସଂଗଠନ, ସାମ୍ବାଦିକ ସଂଗଠନ, ବଜାର କମିଟି, ସ୍ୱେଚ୍ଛାସେବୀ ସଂଗଠନ ପକ୍ଷରୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ସାଲେପୁର ବାର ଆସୋସିଏସନ୍‌ର ସଭାପତି ବିକ୍ରମ କେଶରୀ ବଳ, ଚିତ୍ତରଞ୍ଜନ ଶତପଥୀ, ବେଣୁଧର ପ୍ରଧାନ, ପ୍ରଭାତ ସ୍ୱାଇଁ, ବାବୁ ଦାସ, ମହିଳା ନେତ୍ରୀ ମଞ୍ଜୁଶ୍ରୀ ପାଣିଗ୍ରାହୀଙ୍କ ସମେତ ବିଭିନ୍ନ ପଞ୍ଚାୟତର ମହିଳା ସଂଗଠନ ପକ୍ଷରୁ ଶ୍ରୀ ରାୟଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି।

## ଓଡ୍ର ମହାସଂଘ ପକ୍ଷରୁ ବିଷୁବ ମିଳନ



**ଭଦ୍ରେଶ୍ୱର,୧୫।୪(ସମିସ):** ମାହାଙ୍ଗା ବ୍ଲକ ବରାହୀପୁର ପଞ୍ଚାୟତ ବିକାଶ ଭବନ ପ୍ରାଙ୍ଗଣରେ ଓଡ୍ର ମହାସଂଘ ପକ୍ଷରୁ ଓଡ଼ିଆ ନବବର୍ଷ, ମହାବିଷୁବ ପଣା ସଂକ୍ରାନ୍ତି ଓ ବିଷୁବ ମିଳନ କାର୍ଯ୍ୟକ୍ରମ ଅତ୍ୟନ୍ତ ଆଡ଼ମ୍ବର ସହକାରେ ଅନୁଷ୍ଠିତ ହୋଇଯାଇଛି। ସାହିତ୍ୟିକ ଡ. ଭାବଗ୍ରାହୀ ରାଉତଙ୍କ ସଭାପତିତ୍ୱରେ ଆୟୋଜିତ ଏହି ଉତ୍ସବରେ ଓଡ଼ିଆ ଜାତିର ସାଂସ୍କୃତିକ ଐତିହ୍ୟ ଓ ପରମ୍ପରା ଉପରେ ଚର୍ଚ୍ଚା କରାଯାଇଥିଲା। ଏହି ସାରସ୍ୱତ ସମାରୋହରେ ମୁଖ୍ୟ ଅତିଥି ଭାବେ ସମ୍ଭ୍ରାନ୍ତ ସାହିତ୍ୟ ପତ୍ରିକା "ଉର୍ବୀ'ର ସମ୍ପାଦକ ତଥା ଶିଖରକବି ଶ୍ରୀଧର ଶେଖର ମହାପାତ୍ର ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ପୂର୍ବତନ ପ୍ରଧାନଶିକ୍ଷକ ବିପିନ ବିହାରୀ କର, ପ୍ରାକ୍ତନ ଅଧକ୍ଷ ଡ. ଜନାର୍ଦ୍ଦନ ରାଉତ, ବସନ୍ତ ସାହୁ, ଡା. ସୂର୍ଯ୍ୟ ପ୍ରକାଶ ଚୌଧୁରୀ ଏବଂ ସମାଜସେବୀ ହିମାଂଶୁ ଶେଖର ଦାଶ ଓଡ଼ିଆ ନବବର୍ଷର ତାତ୍ପର୍ଯ୍ୟ ଏବଂ ସାଂସ୍କୃତିକ ବୈଭବକୁ ଋଦ୍ଧିମନ୍ତ କରିବାରେ ବିଷୁବ ମିଳନର ଭୂମିକା ସମ୍ପର୍କରେ ମତ ରଖିଥିଲେ। ମୁଖ୍ୟ ବକ୍ତା ସାହିତ୍ୟିକ ଅଖିଳେଶ ପଦ ମହାନ୍ତି ବିଷୁବ ମିଳନର ମହାର୍ଘ୍ୟ ଗାଥା ଓ ଐତିହାସିକ ପୃଷ୍ଠଭୂମି ଉପରେ ଆଲୋକପାତ କରିଥିଲେ। ଏହି ଉତ୍ସବରେ ସ୍ଥାନୀୟ ଅଞ୍ଚଳର ବହୁ ସାହିତ୍ୟିକ, ଅଧ୍ୟାପକ, ସାମ୍ବାଦିକ, ବରିଷ୍ଠ ନାଗରିକ, ମହିଳା ଓ ଯୁବଗୋଷ୍ଠୀ ସାମିଲ ହୋଇଥିଲେ। କାର୍ଯ୍ୟକ୍ରମକୁ ବାଣୀ ରାଉତ, ପ୍ରେମଲତା ରାଉତ, ଉଦ୍ଧବ ସ୍ୱାଇଁ, ଗଙ୍ଗାଧର ଖଣ୍ଡାଇ, ବାସୁଦେବ ରାଉତ ଏବଂ କବିନ୍ଦ୍ର ରାଉତ ପ୍ରମୁଖ ସୁଚାରୁ ରୂପେ ପରିଚାଳନା କରିଥିଲେ। ସାମ୍ବାଦିକ ଧନେଶ୍ୱର ସେଠୀ ସ୍ୱାଗତ ଭାଷଣ ଦେବା ସହ ପରିଶେଷରେ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ।

## କଲେଜରେ ଆମ ରୁଚି ଆମ ଖାଦ୍ୟ ପ୍ରତିଯୋଗିତା





**ନିଶ୍ଚିନ୍ତକୋଇଲି,୧୫।୪(ସମିସ):** ନିଶ୍ଚିନ୍ତକୋଇଲି ବ୍ଲକ ଅସୁରେଶ୍ୱରଠାରେ ଥିବା ସୁଭଦ୍ରା ମହତାବ ମହାବିଦ୍ୟାଳୟରେ ଓଡିଆ ପକ୍ଷ ପାଳନ ଅବସରରେ ଆମ ରୁଚି ଓ ଆମ ଖାଦ୍ୟ ପ୍ରତିଯୋଗିତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ମହାବିଦ୍ୟାଳୟର ଅଧକ୍ଷା ପ୍ରାଧ୍ୟାପିକା ଡ. ସୁପ୍ରଭା ପରିଡାଙ୍କ ପୌରହିତ୍ୟରେ ଏଥିରେ ମୁଖ୍ୟଅତିଥି ଭାବେ ପ୍ରାକ୍ତନ ଅଧ୍ୟାପକ ପ୍ରତାପଚନ୍ଦ୍ର ସାହୁ ଯୋଗ ଦେଇଥିଲେ। ଏହି ପ୍ରତିଯୋଗିତାରେ ବିଭିନ୍ନ ବିଭାଗର ଛାତ୍ରଛାତ୍ରୀଙ୍କ ଦ୍ୱାରା ପ୍ରସ୍ତୁତ କରାଯାଇଥିବା ଓଡିଆ ଘରର ବହୁ ପ୍ରକାରର ପାରମ୍ପରିକ ଖାଦ୍ୟ ପ୍ରଦର୍ଶନ କରାଯାଇଥିଲା। ଖାଦ୍ୟ ଷ୍ଟଲଗୁଡିକୁ ବହୁ ଛାତ୍ରଛାତ୍ରୀ ଅଧ୍ୟାପକ ଅଧ୍ୟାପିକା ପରିଦର୍ଶନ କରି ସ୍ୱାଦର ମଜା ମଧ୍ୟ ନେଇଥିଲେ। ଅଧ୍ୟାପକ ମନମୋହନ ଖଟୁଆ, ରଜନୀକାନ୍ତ ପଣ୍ଡା, ବଳରାମ ସ୍ୱାଇଁ, ରଞ୍ଜନ ସେଠୀ, ସୂର୍ଯ୍ୟକାନ୍ତ ମଲିକ, ସୁଧୀର ଦାସ, ବିଶ୍ୱଜିତ୍ ମଲିକ, ମନୋଜ ରାଉତ, ଅଧ୍ୟାପିକା ଡ. କବିତା ଷଡ଼ଙ୍ଗୀ, ଅଞ୍ଜନା ଦାସ, ଚାନ୍ଦିନୀ ଦଳାଇ, ଦୀପିକା ଜେନା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

ସେହିପରି କଟରପଡା ପଞ୍ଚାୟତ ପିଠାପଡ଼ାସ୍ଥିତ ମହାପୁରୁଷ ଅଚ୍ୟୁତାନନ୍ଦ ସଂସ୍କୃତ ମହାବିଦ୍ୟାଳୟରେ ଆମ ରୁଚି ଓ ଆମ ଖାଦ୍ୟ ପ୍ରଦର୍ଶନ ପ୍ରତିଯୋଗିତା କରାଯାଇ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଛି। ଅଧ୍ୟାପକ ପ୍ରଶାନ୍ତ ପଣ୍ଡାଙ୍କ ସଭାପତିତ୍ୱରେ ଏହି କାର୍ଯ୍ୟକ୍ରମକୁ କଲେଜ ଅଧକ୍ଷ ପ୍ରମୋଦ ଦାସ ଉଦ୍‌ଘାଟନ କରିଥିଲେ। ମୁଖ୍ୟଅତିଥି ଭାବେ କଲେଜର ପ୍ରତିଷ୍ଠାତା ସୋମନାଥ ସ୍ୱାଇଁ, ସମ୍ମାନିତ ଅତିଥି ଭାବେ ଅଧ୍ୟାପକ ଅଶିଷ ନାୟକ, ତନ୍ମୟ କିଶୋର ଦାସ, ଅନୀଲ ସାହୁ, ସୁଦୀପ୍ତ ସ୍ୱାଇଁ ଓଡ଼ିଆ ପାରମ୍ପରିକ ଖାଦ୍ୟକୁ ବଞ୍ଚାଇ ରଖିବା ସହିତ ଏହାର ସଂସ୍କୃତି ଓ ପରମ୍ପରାକୁ ଉଜ୍ଜୀବିତ କରିବା ପାଇଁ ଛାତ୍ରଛାତ୍ରୀଙ୍କୁ ପରାମର୍ଶ ଦେଇଥିଲେ। ଅଧ୍ୟାପିକା ଅଞ୍ଜୁଶ୍ରୀ ଖଣ୍ଡାଇ ଧନ୍ୟବାଦ ଦେଇଥିଲେ।

